ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

# ଆହ୍ୱାନ

ଓଡିଶାର ପ୍ରଥମ ସଂପୂର୍ଣ୍ଣ ଓଡିଆ ସାହିତ୍ୟିକ ଇ-ପତ୍ରିକା

ପ୍ରଥମ ସଂସ୍କରଣ
ଚତୁର୍ଥ ବର୍ଷ
ରଜ ବିଶେଷାଙ୍କ,
୨୦୧୦

## ସୂଚୀପତ୍ର


| | |
|---|---|
| ସଂପାଦକୀୟ | ୨ |
| ତା ମନ୍ଦ ଚିନ୍ତନ୍ତି ଗୋବିନ୍ଦ | ୪ |
| ଆମ ଗାଁ ହାଲଚାଲ | ୯ |
| ନାୟିକାର ନାମ ବନ୍ୟା | ୧୪ |
| କାଳର ଭୟ | ୧୮ |
| ପ୍ରେମ (କବିତା) | ୨୩ |
| ଅନୁଗ୍ରହ (କବିତା) | ୨୪ |
| ଅନ୍ତରାଳେ (କବିତା) | ୨୫ |
| ନିଶିଥ ଉପହାର | ୨୬ |
| ଚିଠି | ୩୩ |
| ମୁଁ ମାଓବାଦୀ କହୁଛି | ୩୬ |
| ରଘୁଆ ଗୋସେଇଁ | ୪୨ |
| ମୁଁ ଆଉ ଆମେ | ୪୭ |
| କେତୋଟି କ୍ଷୁଦ୍ର କବିତା | ୪୯ |
| ଚିରନ୍ତନ ସତ୍ୟ | ୫୩ |
| ବିଶେଷ ସୂଚନା | ୬୦ |


**Mail your comments : -**

aahwaan@gmail.com
info@aahwaan.com

**Give me a Call at : -**

9861962160 / 9040985463

Odinews.in
ଓଡିଶାର ଖବର ଓଡିଆ
ଭାଷାରେ ଆପଣଙ୍କ
କଂପ୍ୟୁଟର ଉପରେ
ଆଜି ହିଁ ଦେଖନ୍ତୁ




ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଅଣପ୍ରକାଶିତ ଆହ୍ୱାନ ପୁଣିଥରେ ଏକ ନୂତନ କଳେବରରେ ପ୍ରକାଶିତ ହେଉଥିବାରୁ ମୁଁ ଆହ୍ୱାନ ଇନ୍‌ଫୋଟେକ୍ ଓଡିଶା ତରଫରୁ ଏହାର ସମସ୍ତ ପାଠକ ପାଠିକାଙ୍କୁ ଅଭିନନ୍ଦନ ଜଣାଉଛି।

ଆଶା କରୁଛି ବିଗତ ବର୍ଷମାନଙ୍କରେ ଆପଣ ମାନେ ଆମକୁ ଦେଇଥିବା ସ୍ନେହ ଓ ସଦିଚ୍ଛା ଆଗାମୀ ଦିନମାନଙ୍କରେ ମଧ୍ୟ ବଜାୟ ରହିବ।

**ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର**

ଏମଏ, ଏମଫିଲ, ଏଡିଜେଏମ
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ଆହ୍ୱାନ ଇନ୍‌ଫୋଟେକ୍ ଓଡିଶା

ବୀମା ନଗର, ଆମ୍ବପୁଆ
ବ୍ରହ୍ମପୁର, ୭୬୦୦୧୦
ଓଡିଶା, ଭାରତ


**www.aahwaan.com**

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

# ଆହ୍ୱାନ

ଓଡିଶାର୍ ପ୍ରଥମ ସଂପୂର୍ଣ୍ଣ ଓଡିଆ ସାହିତ୍ୟିକ ଇ-ପତ୍ରିକା

ପ୍ରଥମ ସଂସ୍କରଣ
ଚତୁର୍ଥ ବର୍ଷ
ରଜ ବିଶେଷାଙ୍କ,
୨୦୧୦



ଡା ଜ୍ୟୋତି ପ୍ରସାଦ ପଟନାୟକ
ଏମ.ବି.ବି.ଏସ, ଡି.ଏମ.ସି.ଏଚ
ସଂପାଦକ, ଆହ୍ୱାନ

ଆହ୍ୱାନ, ଓଡିଆ ଭାଷାରେ ପ୍ରକାଶିତ ପ୍ରଥମ ଇ-ପତ୍ରିକା ହେବାର ଦୀର୍ଘ ତିନିବର୍ଷପରେ ଅନେକ ନୂତନ ପତ୍ରପତ୍ରିକା ପ୍ରକାଶିତ ହେଉଥିବାରୁ ମୁଁ ଭାରୀ ଖୁଶି । ଓଡିଆ ଭାଷାର ପ୍ରଚାର ଓ ପ୍ରସାର ପାଇଁ ଦୀର୍ଘ ବାର ବର୍ଷତଳେ ଆରମ୍ଭ କରିଥିବା ମୋର ପ୍ରଚେଷ୍ଟାରେ ଆଜି ଅନେକ ସହଭାଗୀ ହୋଇଥିବାରୁ ମୁଁ ବହୁତ ଖୁଶି ।

ଓଡିଆ ଭାଷାରେ ଶ୍ରୀଜଗନ୍ନାଥ ତତ୍ୱ ସମ୍ବଳିତ ମୋର ପ୍ରଥମ ସାଇଟ୍ ବିଶେଷ ଜନାଦୃତ ହୋଇ ପାରି ନଥିଲେ ସୁଦ୍ଧା, ଏହା ପରେ ଓଡିଆ ମାନଙ୍କୁ ଏକ ପ୍ରାଣକରିବାର ମୋର ପ୍ରୟାସକୁ ସଫଳ କରିବା ନିମନ୍ତେ "ଆହ୍ୱାନ"ର ଆବିର୍ଭାବ ବିଛିନ୍ନାଂଚଳରେ ରହୁଥିବା ଓଡିଆ ମାନଙ୍କୁ ସଂପୂର୍ଣ୍ଣ ଓଡିଆରେ ପଠନଯୋଗ୍ୟ ଏକ ପତ୍ରିକା ପ୍ରକାଶନ କରିବାର ମୋର ଅଭିପ୍ରାୟ ସଫଳ ହୋଇଛି, କେବଳ ଏହି ପତ୍ରିକା ଯୋଗୁଁ ।

ଦୀର୍ଘ ତିନିବର୍ଷକାଳ ନିରବଛିନ୍ନ ଭାବରେ ଏହି ପତ୍ରିକାର ପ୍ରକାଶନ ପରେ ହଠାତ୍ ଦିନେ ଏହି ପତ୍ରିକାକୁ ପ୍ରକାଶିତ କରିବାପାଇଁ ଅସମର୍ଥ ହେବା ତଥା ବିଦ୍ୟାଅଧ୍ୟୟନ ପାଇଁ ସାମୟିକ ଅନୁପସ୍ଥିତି ନିମନ୍ତେ ମୁଁ ପାଠକ ମାନଙ୍କ ପାଖରେ କ୍ଷମାପ୍ରାର୍ଥୀ । ଚଳିତ ସଂସ୍କରଣ ଏବଂ ଏହା ପରବର୍ତୀ ସମସ୍ତ ସଂସ୍କରଣ ପୁନଶ୍ଚ ମାସିକ ହିସାବରେ ପ୍ରକାଶ ପାଇବ । ଏହି ପତ୍ରିକାରେ ଆପଣ ପୂର୍ବପରି ନିଜସ୍ୱ କୃତୀସବୁ ପ୍ରକାଶିତ

କରିପାରିବେ ।

ସଂପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏହି ପତ୍ରିକା ସଂପୂର୍ଣ୍ଣ ନିଃଶୁଳ୍କ ବିତରଣ ନିମନ୍ତେ ଉଦ୍ଦିଷ୍ଟ । ଆଗାମୀ ଦିନରେ ଏହି ପତ୍ରିକା ଆନୁକୂଲ୍ୟରେ ଆମେ ପୂର୍ବବତ୍ ସାମାଜିକ ଉନ୍ନୟନମୁଳକ କାର୍ଯ୍ୟକ୍ରମ ସବୁ କରିବାର ଲକ୍ଷ୍ୟ ରଖିଛୁ । ବିଗତ ବର୍ଷମାନଙ୍କରେ ହୋଇଥିବା ସ୍ୱାସ୍ଥ୍ୟ ଓ ଶିକ୍ଷା ଉନ୍ନୟନ କାର୍ଯ୍ୟକ୍ରମର ସଫଳ ରୂପାୟନ ହେତୁ ଆପଣ ମାନଙ୍କ ସହାୟତାକୁ ଆମେ ସର୍ବଦା ସ୍ୱାଗତ କରିବୁ ।

ଆସନ୍ତୁ, ଆମେ ଏକ ହୋଇ ଆମ ମାତୃଭାଷା ଓ ମାତୃଭୂମିପାଇଁ ସଜାଗ ହେବା । ବୀର ଉତ୍କଳଭୁମିର ହୃତଗୌରବକୁ ଫେରାଇ ଆଣିବାର ପ୍ରଚେଷ୍ଟା କରିବା ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟନାୟକ,
ଏମବିବିଏସ, ଡିଏମସିଏଚ,ପିଜିଡିଏଚଏମ
ସଂପାଦକ, "ଆହ୍ୱାନ"

ପ୍ରଥମ ସଂସ୍କରଣ
ଚତୁର୍ଥ ବର୍ଷ
ରଜ ବିଶେଷାଙ୍କ,
୨୦୧୦



# ତା ମନ୍ଦ ଚିନ୍ତନ୍ତି ଗୋବିନ୍ଦ

(ପ୍ରସ୍ତାବ ସିନ୍ଧୁରୁ ଆନୀତ)

(ପୂର୍ବକାଳରୁ 'ନୀତିଶିକ୍ଷା' ଶିକ୍ଷଣୀୟ ବିଷୟ ରୂପରେ ପାଠ୍ୟ ସଂଯୋଜନାରେ ଅନ୍ତର୍ଭୂକ୍ତ ହୋଇ ଆସୁଥିଲା। ସେଥିପାଇଁ ପଞ୍ଚତନ୍ତ୍ର ଓ ହିତୋପଦେଶ ପରି କଥା ସାହିତ୍ୟର ପ୍ରଚଳନ ହୋଇଥିଲା। ପୁନଶ୍ଚ ଆମର ପୁରାଣଶାସ୍ତ୍ର ଗୁଡିକରୁ ବହୁ ଶିକ୍ଷଣୀୟ ଅଂଶକୁ ମାତୃଭାଷା ମାଧ୍ୟମରେ, ପ୍ରାଥମିକ ଓ ମାଧ୍ୟମିକ ଶ୍ରେଣୀରେ ପଢାଯାଉଥିଲା। ସଂସ୍କୃତ ସାହିତ୍ୟ ନୀତିସୂକ୍ତିର ଗନ୍ତାଘର। ଅଳ୍ପବୟସରେ ପିଲାମାନେ ସେଗୁଡିକ ପଢୁଥିଲେ ଓ ମନେ ରଖିଥିଲେ। 'ନୈତିକତା' ହେଉଛି ଉନ୍ନତ ଜୀବନର ସୋପାନ; ସେଥି ପାଇଁ ନୀତିଶିକ୍ଷାକୁ ପାଠ୍ୟ ବିଷୟରେ ଅନ୍ତର୍ଭୂକ୍ତ କରାଯିବା ସର୍ବଦା ଉଚିତ। ଆଜିକାଲି ଅନୁରୂପ ନୀତିଶିକ୍ଷାର ପ୍ରଚଳନ ନ ଥିବାରୁ; ସମାଜରେ ଉଶୃଙ୍ଖଳତା ଦେଖାଯାଉଛି। ଏହି ସମସ୍ୟାର ନିରାକରଣ ପାଇଁ ସୁନ୍ଦର ଗଳ୍ପ ସମେତ ନୀତିବଚନ ଗୁଡିକ ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ଆମ ପାଠ୍ୟ ଖସଡାରେ ଅନ୍ତର୍ଭୂକ୍ତ ହେବା ବାଞ୍ଛନୀୟ। ସଂସ୍କୃତରେ ଥିବା ଚାଣକ୍ୟ ନୀତି ଓ ବିଦୁର ନୀତି ପ୍ରଭୃତିର ଉପାଦେୟ ଅଂଶ ମାତୃଭାଷା ଶିକ୍ଷାରେ ସଂଯୋଜିତ କରିଲେ, ପିଲାମାନେ ତାହା ମନେ ରଖନ୍ତେ; ନିଜ ନିଜ ଅଭିବ୍ୟକ୍ତିରେ ସେହି ପ୍ରବଚନୀୟ ସୂକ୍ତିକୁ ମଧ୍ୟ ବ୍ୟବହାର କରି ପାରନ୍ତେ। ପ୍ରାନ୍ତୀୟ ସାହିତ୍ୟରେ ମଧ୍ୟ ବହୁ ପ୍ରବଚନୀୟ ସୂକ୍ତି ରହିଛି। ଆଜିର ଶିକ୍ଷା ସଂଯୋଜନାରେ କର୍ତ୍ତୃପକ୍ଷ ଏହି ବିଷୟକୁ ଗୁରୁତ୍ୱ ସହିତ ବିଚାର କରିବା ଉଚିତ।

ଓଡିଆରେ ରଚିତ 'ପ୍ରସ୍ତାବସିନ୍ଧୁ' ନାମକ ପୁସ୍ତକଟିକୁ ପୂର୍ବେ ଚାଟଶାଳୀରେ ପଢୁଥିଲେ। ଏହା ଦୀନକୃଷ୍ଣ ଦାସଙ୍କ ନାମରେ ଭଣିତ। ଲେଖକ ସେହି ପୁସ୍ତକଟିରେ ସୁନ୍ଦର ଗଳ୍ପଦେଇ, ନୀତି ଶ୍ଳୋକ ଗୁଡିକୁ ପ୍ରୟୋଗାତ୍ମକ ଶୈଳୀରେ ଦର୍ଶାଇଛନ୍ତି। ସେହି ପୁସ୍ତକରୁ ଗୋଟିଏ ଗଳ୍ପ ଓ ତନ୍ନିହିତ ନୀତିଦିଗଟି ଏଠାରେ ଉପସ୍ଥାପିତ କରାଗଲା।) କାହାରି ମନ୍ଦ ପାଞ୍ଚିବ ନାହିଁ।

କାମ, କ୍ରୋଧ, ଲୋଭ ମନୁଷ୍ୟକୁ ଅନ୍ଧ କରିଦିଏ। ମନୁଷ୍ୟ ନିଜ ସ୍ୱାର୍ଥପାଇଁ ଅନୀତିକାର୍ଯ୍ୟ କରେ; ଅନ୍ୟର ମନ୍ଦ ପାଞ୍ଚେ। କଥା ଅଛି; 'ଅନ୍ୟର ପାଞ୍ଚଇ ଯେ ମନ୍ଦ! ତା ମନ୍ଦ ଚିନ୍ତନ୍ତି ଗୋବିନ୍ଦ।'

ପଶ୍ଚିମଦେଶରେ ଥିବା ଉଜାଣିନଗରରେ ଜଣେ ସାଧବ ରହୁଥାନ୍ତି; ନାମ ଶ୍ରଦ୍ଧାକର। ତାଙ୍କର ଦୁଇଟି ପତ୍ନୀ। ଉଭୟେ ସୁନ୍ଦରୀ ଓ ପତିବ୍ରତା। ସାଧୁସନ୍ଥଙ୍କ ପ୍ରତି ସାଧବଙ୍କର ଅଗାଧ ଶ୍ରଦ୍ଧା ଓ ଭକ୍ତି। ଥରେ 'ଭଗବତ୍' ନାମରେ କୌଣସି ସାଧୁ ତାଙ୍କ ଘରେ ହଠାତ୍ ଉପସ୍ଥିତ ହେଲେ। ତାଙ୍କୁ ଅତିଥିଭାବରେ ପାଇ ସାଧବ ଶ୍ରଦ୍ଧାକର କୃତକୃତ୍ୟ ହେଲେ। ଘରକୁ ପାଛୋଟି ଆଣି, ସାଧୁଙ୍କର ରହିବା ବ୍ୟବସ୍ଥା କରିଦେଲେ। ତାଙ୍କର ସେବା କରିବା ପାଇଁ ମଧ୍ୟ ନିଜର ସାନପତ୍ନୀ ରତ୍ନାବତୀକୁ ଆଦେଶ ଦେଲେ। ରତ୍ନାବତୀ ନିଜେ ମଧ୍ୟ ବଡ ଭକ୍ତିମତୀ। ସେ ସାଧୁଙ୍କ ସେବା ଯତ୍ନରେ ଲାଗିଗଲେ। ଏହି ସମୟରେ କାର୍ଯ୍ୟବଶତଃ ସାଧବଟି କିଛିଦିନ ପାଇଁ ଦୂର ସ୍ଥାନକୁ ଗଲେ। ଗଲାବେଳେ ସାଧୁଙ୍କର ଖାଦ୍ୟପେୟ ବିଷୟରେ ଠିକ୍‌ଭାବରେ ବୁଝିବା ପାଇଁ କହିଥାନ୍ତି। ରତ୍ନାବତୀ ଠିକ୍ ଠିକ୍ ଭାବରେ ସାଧୁଙ୍କର ସେବା କରୁଥାନ୍ତି। ଯଥା ସମୟରେ ଖାଦ୍ୟପେୟର ବ୍ୟବସ୍ଥା ବୁଝୁଥାନ୍ତି। ରତ୍ନାବତୀର ସୌନ୍ଦର୍ଯ୍ୟରେ ସେହି ସାଧୁଟି ମୋହିତ ହୋଇପଡିଲେ। ରତ୍ନାବତୀକୁ ନିଜର ମନୋଭାବ ପ୍ରକାଶ କରନ୍ତେ ସେ ଦୁଃଖିତ ହୋଇ କହିଲେ; 'ହେ ମହାତ୍ମା, ଆପଣ ଏପରି ଅଧର୍ମ କଥା କୁହନ୍ତୁ ନାହିଁ। ଧନଦ୍ରବ୍ୟ ବା ଅନ୍ୟ ବିଷୟ କୁହନ୍ତୁ; ତାହା ମୁଁ ପୁରଣ କରିବି।' ସେହି ସାଧୁଟି ପ୍ରକୃତରେ ଅସତ୍ ପ୍ରକୃତିର ଲୋକଥିଲା। ନିଜର କାମଭାବ ବାଧାପ୍ରାପ୍ତ ହେବାରୁ ମନରେ କ୍ରୋଧ ଆସିଲା। କୌଣସି କୌଶଳରେ ସେହି କନ୍ୟାକୁ ପାଇବା ପାଇଁ ଇଚ୍ଛା

କଲା। ନିଜର ମନୋଭାବକୁ ଲୁଚାଇ ରଖି କହିଲା, 'ମୁଁ ତୁମର ମନ ବିଡିବାପାଇଁ ଏପରି କହୁଥିଲି। ତୁମର ପବିତ୍ରତା ଭାବ ଦେଖି ଖୁସି ହେଲି। ଏ ବିଷୟ ତୁମେ କାହା ଆଗରେ

କହିବ ନାହିଁ; କହିଲେ ତୁମର ଅମଙ୍ଗଳ ହେବ। ମୁଁ ଏକ ସାଧନ କରୁଛି। ସେଥିପାଇଁ ମୋର ଶ୍ମଶାନ ମାଟି ଆବଶ୍ୟକ। ତୁମେ ଯଦି ଶବ ପୋତା ହୋଇଥିବା ସ୍ଥାନକୁ ଖୋଜି ଉଲଗ୍ନ ଅବସ୍ଥାରେ ମୁଠାଏ ମାଟି ଆଣିବ; ମୋର ସେହି ସାଧନା ପୂର୍ଣ୍ଣ ହୁଅନ୍ତା; ଏବଂ ତୁମର ମଧ୍ୟ ବହୁ ଧର୍ମ ହୁଅନ୍ତା।' ସରଳା ହୃଦୟା ରତ୍ନାବତୀ ସେଥିରେ ହଁ ଭରିଲେ।

ଏହି ଘଟଣାପରେ ସାଧବ ଘରକୁ ଫେରି ଆସେ। ସାଧୁ ଅନ୍ୟତ୍ର ଯିବାପାଇଁ ବାହାରିଲେ। ସାଧବ ତାଙ୍କୁ ଆଉ କିଛି ଦିନ ରହିବାକୁ ଅନୁରୋଧ କଲେ। ସାଧୁ ମଧ୍ୟ ରହିଲେ। ଏକାନ୍ତରେ ସାଧବକୁ କହିଲେ, - 'ତୁମର ଏହି ସାନ ଭାର୍ଯ୍ୟାଟି ଗୋଟିଏ ପିଶାଚି। ସେ ଘରେ ରହିଲେ ତୁମର ମଙ୍ଗଳ ନାହିଁ। ତାକୁ ତ୍ୟାଗ କରିବା ଉଚିତ, ମୋର ତୁମେ ବହୁ ସେବା କଲ; ତେଣୁ ତୁମର ଭଲପାଇଁ ମୁଁ ଏକଥା କହିଲି।' ସାଧବ ମୁଣ୍ଡରେ ବଜ୍ର ପଡିଲା ପରି ହେଲା। କହିଲା- 'ମୁଁ ଏ ପର୍ଯ୍ୟନ୍ତ ତାହାର କୌଣସି ଦୋଷ ଦେଖିନାହିଁ। ଧର୍ମକୁ ସାକ୍ଷୀରଖି ବିଭା ହୋଇଛି। ବିନା ଦୋଷରେ କିପରି ତ୍ୟାଗ କରିବ?' ସାଧୁ କହିଲେ;- 'ବତ୍ସ ! ମୁଁ ତା'ର ଦୋଷ ତୁମକୁ ଦେଖାଇବି। ତୁମେ ପ୍ରତ୍ୟକ୍ଷ୍ୟ ଦେଖିବ। ତେଣିକି ତୁମର ଇଚ୍ଛା।' ଏଣେ ସାଧୁ ରତ୍ନାବତୀକୁ ସେହିଦିନ ସନ୍ଧ୍ୟାପରେ ଶ୍ମଶାନ ମାଟି ଆଣିବାକୁ କହିଲେ। ସାଧବପତ୍ନୀ ପୂର୍ବରୁ ସାଧୁଙ୍କ ପାଖରେ ସତ୍ୟ କରିଥିବାରୁ; ସନ୍ଧ୍ୟାପରେ ଶ୍ମଶାନକୁ ଗଲେ। ଉଲଗ୍ନହୋଇ ଗୋଟିଏ ଶବ ପୋତାହୋଇଥିବା ସ୍ଥାନରୁ ଖୋଳି ମାଟି ମୁଠାଏ ଧରିଲେ। ଏହି ସମୟରେ ସେହି କପଟୀ ସାଧୁଟି ସାଧବକୁ ସାଙ୍ଗରେ ନେଇ ଦୂରରୁ ଏହି ସବୁ ଦୃଶ୍ୟ ଦେଖାଇଲା। ସରଳମନା ରତ୍ନାବତୀ ମାଟି ମୁଠାଏଧରି ଆସି, ସାଧୁଙ୍କ ଗମ୍ଭୀରାରେ ରଖି ନିଜେ ସ୍ନାନ କରି ଘରକୁ ଗଲେ। ସାଧୁଙ୍କ ଛଳିତ ପରାମର୍ଶରେ ଶ୍ରଦ୍ଧାକର ନିଜର ସାଧ୍ୱୀ ପତ୍ନୀଙ୍କୁ ତ୍ୟାଗ କରିବାପାଇଁ ସ୍ଥିର କରି ଗୋଟିଏ ନୂତନ ନୌକା ତିଆରି କରାଇ ସେଥିରେ କାଠପଟାରେ ନିବୁଜ ଘରକଲେ; ଏବଂ ରତ୍ନାବତୀକୁ ଛଳରେ ଆଣି ସେହି ଘରେ ରଖିଲେ, ପଦାରୁ ଶିକୁଳି ଦେଇ ନୌକାଟିକୁ ନଦୀ ସ୍ରୋତରେ

ଭସାଇଦେଲେ। ଏଣେ ସାଧୁଟି ଶୀଘ୍ର ସେ ସ୍ଥାନରୁ ବିଦାୟନେଇ ଏକ ଦୂରସ୍ଥାନରେ ସେହି ନଦୀକୂଳରେ ମଣ୍ଡପଟିଏ କରି ରହିଲେ। ନୌକାଟି ନଦୀରେ ଭାସି ଆସିଲେ, ସେ ତାକୁ ଧରିବ ଓ ରତ୍ନାବତୀକୁ ଲାଭକରି ନିଜେ ବିଭାଦେବ, ଏହା ହିଁ ଉଦ୍ଦେଶ୍ୟ। ଦୈବର ଗତି ଭିନ୍ନ। ଯୋଗକୁ ସେହି ଦେଶର ରାଜକୁମାର ପାରିଧିକୁ ଆସିଥିଲେ। କୌଣସି ହରିଣ ନ ପାଇ ଗୋଟିଏ ଭାଲୁକୁ ଜୀବନ୍ତ ଧରିଲେ। ତାହାକୁ ନିଜର ଚିଡିଆଖାନାରେ ରଖିବାପାଇଁ ବାନ୍ଧି ନେଉଥାନ୍ତି। ସେମାନେ ସେହି ନଦୀକୂଳକୁ ଆସି ଭାସିଯାଉଥିବା ନୌକାଟିକୁ ଦେଖିଲେ; ରାଜପୁତ୍ରଙ୍କ ଆଦେଶରେ ନୌକାଟିକୁ କୂଳକୁ ଅଣାଗଲା। ସେହି ଘରର କିଳୁଣୀ ଖୋଲି ଦେଖିଲେ 'ଏକ ଅପୂର୍ବ ସୁନ୍ଦରୀ ନାରୀ; ମନ ଦୁଃଖରେ ବସି କାନ୍ଦୁଛି।' ରାଜପୁତ୍ର ଆଶ୍ୱାସନା ଦେଲେ, ସେହି ସାଧବ ରମଣୀଙ୍କୁ ଅତି ଆଦରରେ ଘରକୁ ନେଇ ବିଭା ହେଲେ। ଧରିଥିବା ଭାଲୁଟିକୁ ସେହି ନିବୁଜ ଘରେ ରଖି ପଦାରୁ ଶିକୁଳି ଦେଇ ନଈସ୍ରୋତରେ ନୌକାଟିକୁ ଛାଡିଦେଲେ। ତେଣେ ଭଗବତ୍ ସାଧୁ ନଦୀର ତଳ ଅଂଶରେ ନୌକାଟିକୁ ଅପେକ୍ଷା କରିଥାଏ। ନୌକାଟି ପହଞ୍ଚିବାକ୍ଷଣି ଖୁବ୍ ଖୁସିହୋଇ ତାହାକୁ ଧରି କୂଳକୁ ଆଣିଲା। ନିଜେ ସେହି ନାରୀ ରତ୍ନକୁ ପାଇଛି ଭାବି, ଧିରେ ଧିରେ ଚାଟୁବଚନ କହ ଶିକୁଳି ଖୋଲିଲା। ଭାଲୁଟି କ୍ଷୁଧାର୍ତ୍ତଥାଏ। କବାଟ ଖୋଲିବା ମାତ୍ରେ ସେ ସେହି ଭଣ୍ଡ ସାଧୁଙ୍କୁ ଆସି ଆକ୍ରମଣ କରି ମାରିଦେଲା, ତାହାର ରକ୍ତ ପିଇ ନୌକାରୁ ଡେଇଁପଡି ବଣକୁ ଚାଲିଗଲା।

ରତ୍ନାବତୀ ରାଜରାଣୀ ହୋଇ ସୁଖରେ ରହିଲେ। ବିଚରା ସାଧୁବେଶଧାରୀ ଭଣ୍ଡ ଭଗବତ୍ ବିନାଶ ପାଇଲା।

କବିଙ୍କ ଭାଷାରେ :-

*'ଭଗବତ୍ ଯେଉଁ ମଣ୍ଡପେ ଅଛି, ସେହିଠାରେ ନାବ ଲାଗିଲା ଆସି।।*
*ଦେଖି ଭଗବତ ହରଷ ହୋଇ, ନାବ ମଙ୍ଗ ବେଗେ ଧଇଲା ଯାଇ।।*

ଫୁରୁଣା ହୋଇ ମନ୍ଦ ମନ୍ଦ ହସି, ବୋଇଲା ହୋ ସଖୀ ବାହାର ହୋସି।।
ଉପାୟ କରି ଭିଆଇଲି ଏହା, ତୁ ମୋର ଭାରିଯା ମୁଁ ତୋର ନାହା।।
ଆସ ଆସ ବୋଲି କବାଟ ଫାଡି, ବସିଲା ଗମ୍ଭୀରା ଦୁଆର ମାଡି।।
ଭଲ୍ଲୁକ ଥିଲା ଯେ ନାବ ଭିତର, ଧାଇଁ ଆସି ବେଗେ ମୋଡିଲା ଶିର।।
ବେନି ଚକ୍ଷୁଖୋଲି ରୁଧିର ଗ୍ରାସି, ଅନ୍ତ ବିଦାରିଲା ବୁକୁରେ ବସି।।
ଏମନ୍ତେ ଭଗବତ ତହିଁ ମଲା, ଭଲ୍ଲୁକ ତା ସୁଖେ ବନକୁ ଗଲା।।
ତେଣୁ କରି ହାଦେ ପରକୁ ମନ୍ଦ, ଚିନ୍ତିଲେ ତୁଟଇ ଆପଣା କନ୍ଧ।।
ପର ଅପଘାତ ଚିନ୍ତିଲେ ନର, ଧର୍ମକୁ ସେ କଥା ନୋହେ ଉବାର।।
ତୁଳକଷକରି ଦଣ୍ଡଇ ଆଣି, ଦୁଷ୍ଟଲୋକମାନେ ତାହା ନ ଜାଣି।।

**ଏହି ସମ୍ବନ୍ଧିତ ନୀତିଶ୍ଳୋକଟି ହେଲା: -**

'ପରସ୍ୟ ଚିନ୍ତତେ ମନ୍ଦଂ ଦୈବଂ ଚିନ୍ତତି ଦୁର୍ଗତିଂ।
ନୃପେଣ ଲଭ୍ୟତେ କନ୍ୟା ଭଗବତ୍ ଭଲ୍ଲୁକଂ ଯଥା।।'

(ଅନ୍ୟର ମନ୍ଦ ପାଞ୍ଚିଲେ; ଦୈବି ଦୁର୍ଘଟଣା ଆଣିଥାଏ। କନ୍ୟାଟି ରାଜପୁତ୍ରଙ୍କୁ ସ୍ୱାମୀରୂପେ ପାଇ ସୁଖରେ ରହିଲା; କିନ୍ତୁ ବିଚରା ଭଗବତ୍ ଭାଲୁଦ୍ୱାରା ନିହତ ହେଲା।)

Odiaguru.com

We Develop Websites for your present business as well as update your old website and or renew your website to give it a new look.

We also develop Websites for Mobile phones.

If you are looking for a dynamic CMS website, consult with us for the best website offer at the most affordable price ever.

Call now : 898 414 5653 / 94398 46568
Mail us at : info@odiaguru.com



ପ୍ରଥମ ସଂସ୍କରଣ
ଚତୁର୍ଥ ବର୍ଷ
ରଜ ବିଶେଷାଙ୍କ,
୨୦୧୦

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି
ଆହ୍ୱାନ
ଓଡିଶାର୍ ପ୍ରଥମ ସଂପୂର୍ଣ୍ଣ ଓଡିଆ ସାହିତ୍ୟିକ ଇ-ପତ୍ରିକା

# ଆମ ଗାଁ ହାଲ୍‌ଚାଲ୍



ଆଜି ଗାଁ ଦାଣ୍ଡରେ ଖାଁ ଖାଁ ନିରବତା। ଗାଁ ମଝି ମଣ୍ଡପ ଉପରେ ବି କେହି ଦିଶୁନାହାନ୍ତି। ଏମିତି ତ କେବେ ହୁଏନି। କ'ଣ ଗାଁରେ କେହି ପୁରୁଷ ଲୋକ ନାହାନ୍ତି? ପୁରୁଷ ଛାଡ ସ୍ତ୍ରୀଟେ ବି ଦିଶୁନି। ଗାଇଗୋରୁ ବି ନାହିଁ। ଗାଡିରୁ ଓହ୍ଲାଇ ବିଡିଓ ଆଜ୍ଞା ପିଉନ୍ କୁ କହିଲେ, ଯା' ଦେଖ କିଏ କୋଉଠି ଅଛନ୍ତି ନା ନାହିଁ। ବିଡିଓ ବାବୁଙ୍କ ଗାଡି ପଛେ ପଛେ ବ୍ୟାଙ୍କ୍ ବାବୁମାନେ ବି ଗାଡିରେ ଆସିଲେ। ଗାଁ ଦାଣ୍ଡର ଅବସ୍ଥା ଦେଖି ସମସ୍ତେ ଚିନ୍ତାରେ ପଡିଗଲେ। ବ୍ୟାଙ୍କ୍ ମାନେଜର ଆଜ୍ଞା କହିଲେ, ଆଶ୍ଚର୍ଯ୍ୟ ଆଜି ଋଣ ଛାଡ କରିବା ଖବର ଥାଉ ଥାଉ କେହି କେମିତି ଗାଁରେ ନାହାନ୍ତି। ବିଡିଓ ବାବୁଙ୍କ ଅର୍ଦ୍ଦଳି ଦୁଆର ଦୁଆର ଯାଇ ଦେଖି ଆସିଲା, କେହି କିଏ ନାହାନ୍ତି। ବ୍ୟାଙ୍କ୍ ମାନେଜର୍ ଆଜ୍ଞା କହିଲେ ଚାଲନ୍ତୁ ଆସିବା ଟା ସାର୍ ହେଲା। ଏଇ ସମୟରେ ବ୍ୟାଙ୍କ୍ ଗାଡିର ଡ୍ରାଇଭର କହିଲା ଆଜ୍ଞା ଏହି ଘରେ ବୁଢୀଟେ ଅଛି। ସବୁ ସେ ଆଡକୁ ଚାଲିଲେ। ଅନ୍ତଲ ପାଟିରେ ବୁଢୀ ଖାଲି ଏତିକି କହିଲା, ଯେ ଗାଁ ଲୋକେ ସବୁ ମାଁ ଯୋଡିକଁୟା ଠାକୁରାଣୀଙ୍କ ପାଖକୁ ଯାଇଚେନ୍ତି। ମାଟିଆ ଗଡିଆ ଧାରରେ ଦିଟା କଁୟା ଗଛ ଅଛି ସେଠି କାଲେ ମାଁଙ୍କ ବାହାରିଛନ୍ତି।

ବିଡିଓ ବାବୁ ଗାଡି ଆଡକୁ ଚାଲି ଆସୁ ଆସୁ ବ୍ୟାଙ୍କ୍ ମେନେଜର ହସିଦେଇ କହିଲେ, 'ଆମେ ଆସି କୋଉ ଶତାବ୍ଦୀରେ ପହଞ୍ଚିଲେଣି ହେଲେ ଏଇ ମୂର୍ଖ ଗୁଡାକ ସେଇ ପାଞ୍ଚ ହଜାର ବର୍ଷ ତଳେ ହିଁ ରହି ଯାଇଛନ୍ତି।' ବିଡିଓ ବାବୁ କହିଲେ, ମାନେ ଆପଣ ଏ ସବୁ ବିଷୟରେ କଣ ଭାବୁଛନ୍ତି? ଆପଣଙ୍କୁ ଲାଗୁଛି ଏ ସବୁ ମିଛ, ଯଦି ସେମିତି ହୋଇଥାଆନ୍ତା ତେବେ

ପାଞ୍ଚହଜାର ବର୍ଷରେ ଆମେ ଜହ୍ନରେ ପହଞ୍ଚିଯିବା ପରେ ମଧ୍ୟ ଆଜି ବି ଆମେ ଆମ ପିଲାଙ୍କୁ ଜହ୍ନ ଦେଖାଇଲେ ଜହ୍ନ ମାମୁ ବୋଲି କାହିଁକି କହୁଛେ? ବ୍ୟାଙ୍କ ମେନେଜର ବାବୁ କହିଲେ, 'ଦାଟ୍ ଇଜ୍ ଡିଫେରେଣ୍ଟ୍। ବିଦେଶରେ ବି ତ ପିଲାଙ୍କୁ ଟ୍ୱିଙ୍କଲ୍ ଟ୍ୱିଙ୍କଲ୍ ଲିଟିଲ୍ ଷ୍ଟାର୍ ବୋଲି ପଢାହେଉଛି ନା। ତା ବୋଲି କଣ ସବୁ ଏମିତି ଅନ୍ଧବିଶ୍ୱାସରେ ଅଛନ୍ତି। ଖାଲି ଯାହା ଆମେ ଏ ସବୁ କଥାରେ ବିଶ୍ୱାସ କରୁଛେ ବୋଲି ନା ଆମକୁ ବିଶ୍ୱଦରବାରରେ ମୂର୍ଖ ସହ ତୁଳନା କରାଯାଇଛି।'

ବିଡିଓ ବାବୁ ଓ ବ୍ୟାଙ୍କ୍ ବାବୁଙ୍କ ଭିତରେ ଜବରଦସ୍ତ ତର୍କ ଚାଲୁଥିବା ସମୟରେ ଗାଡି ଦୁଇଟାର ଡ୍ରାଇଭର ମାନେ ତାସ ପକାଇ ଖେଳି ବସିଲେଣି। କେତେବେଳ ଗଲାଣି କିଛି ଜଣାନାହିଁ। ହଠାତ୍ ଗାଁ ଆଡକୁ ଆସୁଥିବା ଢୋଲ ଆଉ ଝାଞ୍ଜର ଆବାଜ ଶୁଣି ସବୁ ଦେଖିଲେ। ପୁରା ଗାଁଲୋକ ଏକ ଶୋଭାଯାତ୍ରାରେ ବାହାରିଛନ୍ତି ଭଳି ଲାଗୁଥିଲା। ଶୋଭାଯାତ୍ରା ସାମନାରେ ତିରିଶିରୁ ଚାଳିଶ୍ ବର୍ଷ ବୟସର ସ୍ତ୍ରୀ ଲୋକଜଣେ ମୁଣ୍ଡକୁ ଏପାଖ ସେ ପାଖ ଝୁଲାଇ ଝୁଲାଇ ଧାଇଁ ଆସୁଛି। ବିଡିଓ ବାବୁ ପାଟି କରି କହିଲେ, 'ଆରେ ସେ ଗାଡି ଦିଟା ଗାଁ ଦାଣ୍ଡରୁ ପାଖେଇ ଦିଅ ନ ହେଲେ ମାଁଙ୍କୁ ବାଜିଯିବ। ସେ ଦୁଇଜଣ ଧାଇଁଧୁପି ଗାଡି ଘୁଞ୍ଚାଇଦେଲେ। ଶୋଭାଯାତ୍ରା, ଆସିଲା ଆଉ ଦି ବାବୁଙ୍କୁ ପଛକୁ ଛାଡିଦେଇ ଆଗକୁ ବଢିଗଲା।

ବାବୁ ଦି'ଜଣ ଜଣେ ଆର ଜଣକୁ ଚୁହାଁ ଚୁହିଁହେଲେ କହିଲେ, ଏବେ କରିବା କଣ? ଏହି ସମୟରେ ପଛରେ ଆସୁଥିବା କାର୍ଜି ଆଜ୍ଞା କହିଲେ, 'ଆଜ୍ଞା ପୂଜା ସରିଲା, ସବୁ ଲୋକ ତୁଠକୁ ଯାଇଛନ୍ତି, ଘଟ ବିସର୍ଜନ କରିବା ପାଇଁ। ଏବେ ଆସିଯିବେ।' ବ୍ୟାଙ୍କ୍ ବାବୁ କହିଲେ, 'ଘଟ ମାନେ ସେ ସ୍ତ୍ରୀ ଲୋକଟାକୁ ପାଣିରେ ପକେଇ ଆସିବେ ନା କଣ?' କାର୍ଜି ଆଜ୍ଞା ଫେଁ କରି ହସିଦେଇ କହିଲେ, 'ବୁଝିଲେ ଆଜ୍ଞା ଆପଣ ସହରୀ ଲୋକ ଏ ସବୁ ଜାଣିବେନି। ଘଟ ବୋଇଲେ ମାଁ ମୁଣ୍ଡରେ ଯୋଉ ବାଉଁଶ ଟୋକେଇ ଧରିଥିଲେ ସେଇଟା।' କାର୍ଜି ରହିଗଲେ, ନିଜ ଘର ଭିତରକୁ ପଶିଯାଇ ସଅପ ଖଣ୍ଡେ ଆଣି ଦୁଆରେ ପକାଇଦେଲେ। ଦି ବାବୁ ସେଇଠି

ବସିଲେ। ପାଣିପଣା ଖାଇ ଆଶ୍ୱସ୍ତ ହେଲା ବେଳକୁ ପୁଣି ଢୋଲ ଝାଞ୍ଜ ଶବଦ ଶୁଭିଲା।

ସେ ଯା ହେଉ, ଦି ବାବୁଙ୍କ ଆଜି କାମ ନ ହେଉ ପଛେ ଯାତ୍ରା ଦେଖା ହେଇଗଲା। ଘରକୁ ଫେରି ସନ୍ଧ୍ୟାରେ ମେନେଜର ବାବୁ ସ୍ତ୍ରୀଙ୍କୁ ଦିନରେ ଘଟିଥିବା ଘଟଣା କଥା କହିଲେ। ବାବୁଙ୍କ ପତ୍ନୀ ଏ ସବୁ ବିଷୟରେ ଭାରି ସଚେତ। ସାଙ୍ଗେ ସାଙ୍ଗେ ଅର୍ଡର କରିଦେଲେ, 'ମୋତେ ବି ମାଁଙ୍କ ପାଖକୁ ନେଇଯାଅ।'

କାଗଜଟା ଓଲଟାଇ ପଡିବା ବେଳେ ମା ଚା' ନେଇ ଆସିଲେ, ଆଉ ଖବର କାଗଜରେ ଛନ୍ଦି ହୋଇ ବାବୁଙ୍କ ଉପରେ ଗରମ ଚା' କିଛି ପଡିଗଲା। ବାବୁ ଓହୋ ଓହୋ ହେଉଥିଲା ବେଳକୁ ମା ନିଜ କାନ ମୋଡି କହୁଥିଲେ, 'ମାଲୋ ମୋ ହାତକାଚ ବଜ୍ର କରିଥିବୁଲୋ ମା। ସେ କିଛି ଜାଣିନାହାନ୍ତି ତେଣୁ କଣ କଣ ସବୁ କହିଯାଉଛନ୍ତି। ତାଙ୍କୁ କ୍ଷମା କରିଦିଅ।' ବାବୁ ରାଗିବେ ନା ହସିବେ ଭାବିପାରିଲେ ନାହିଁ। ମା କହିଲେ, 'ଦେଖିଲ ତ! ତୁମେ ମାଁଙ୍କ ଅପମାନ କରିଲ ବୋଲି ଗରମ ଚା' ଉପରେ ପଡିଗଲା।'

ପରଦିନ ଅଫିସ ବାହାରିଲା ବେଳକୁ ବାବୁଙ୍କ ଜୋତାଟା ଛିଡିଗଲା। ମା ପୁଣି ବଖାଣିଲେ, 'ଦେଖ ମାଁଙ୍କ ଅପମାଣ କଲ, ଫଳ ଭୋଗୁଚ ତ?' ବାବୁ ବିରକ୍ତ ହେଲେ ବି କିଛି କହିଲେ ନାହିଁ କାରଣ ଅଫିସ ଯିବା ବାଟରେ ସେ ଘରୁ ଝଗଡା କରିବାକୁ ଚାହୁଁନଥିଲେ। ଅଫିସରେ ପହଞ୍ଚି ନିଜ କାମ ଆରମ୍ଭ କରିବା ସମୟରେ, ଗତ ସଂଧ୍ୟାରେ ହାତରେ ପଡିଯାଇଥିବା ଚା' ଦାଗକୁ ନେଇ ଅଫିସରେ ଚର୍ଚ୍ଚା ଆରମ୍ଭ ହୋଇଗଲା। କିଏ କହିଲା, ମେଡେମ୍ ରାଗି କି ସାର୍ଙ୍କ ହାତରେ ଚା ଢାଳିଦେଇ ଥିବେ, କିଏ କହିଲେ, ନାଁ ନାଁ ବାବୁ ଘରେ ଝିଙ୍କାଓଟରା କରୁଥିବେ ରୋଷେଇଘରେ ଏ ସମୟରେ ପଡିଯାଇଥିବ।' ବାବୁ ଅଫିସରେ ଏ ସବୁ ଚର୍ଚ୍ଚା ଚାଲିଥିବା ସମୟରେ ଘରୁ ମାଙ୍କ ଫୋନ୍ ଆସିଲା। 'ଜୋତା ଠିକ୍ କଲ ନା ନାହିଁ? ଆଉ କେବେ ମୋତେ ଠାକୁରାଣୀଙ୍କ ପାଖକୁ ନେଇ ଯାଉଛ?' ବାବୁଙ୍କୁ ଖୁବ୍ ରାଗ ଲାଗୁଥିଲା, ହେଲେ ଅଫିସରେ ବସିଛନ୍ତି ଭାବି କିଛି କହି ପାରୁନଥାନ୍ତି। ଏହି ସମୟରେ ଅଫିସ ପିଉନ୍

ଚା କପ୍ ଧରି ଆସିଲା, ହେଲେ ପୁଣିଥରେ ବାବୁଙ୍କ ଅନ୍ୟମନସ୍କତା ପାଇଁ ପୁଣିଥରେ ହାତରେ ପଡିଗଲା। ବାବୁ ଓହୋ ଓହୋ ହେଉଥିବା ବେଳେ ଫୋନ୍‌ରେ ମା କହୁଥିଲେ, 'ଦେଖ ମୁଁ କହୁଛି ଥରେ ଚାଲ ମାଁଙ୍କ ପାଖକୁ ସବୁ ଠିକ ହୋଇଯିବ।' ବାବୁ ବିରକ୍ତ ହୋଇ ଫୋନ୍ ରଖିଦେଲେ।

ରାତିରେ ବାବୁ ଚୁପ୍ ଚାପ୍ ଶୋଇଗଲେ। ଦିନସାରା ଯାହା କଲେ ସବୁ ବିଫଳ ହେଲା। ଘରେ ସେ ସବୁ କଥା କହିଲେ ପୁଣିଥରେ ଠାକୁରାଣୀ ଉପାଖ୍ୟାନ ଆରମ୍ଭ ହେଇଯିବ ଭାବି ବାବୁ ନିରବ ରହିବାକୁ ଶ୍ରେୟ ମଣିଲେ। ନିଦରେ ଶୋଇଗଲାପରେ ଅଧା ରାତିରେ ପେଟ ମାରି ଭୋକ ଲାଗିଲା। ବାବୁ ନିଜେ ଉଠି ରୋଷେଇଘରେ ପଶିଲେ। ଫ୍ରିଜ୍ ଖୋଲି ଦେଖିଲେ ମା ସବୁ ଖାଇବା ଜିନିଷ ରଖିଛନ୍ତି। ସେଥିରୁ କିଛି ବାହାର କରିଆଣି ଗରମ କଲେ ଆଉ ଖାଇଲେ। ଶୋଇବା ପୂର୍ବରୁ ସବୁ ଜିନିଷ ପୂର୍ବପରି ଫ୍ରିଜ୍ ରଖିବାକୁ ଚେଷ୍ଟା କରୁକରୁ ବାବୁଙ୍କ ହାତରୁ ଛୁଟି କାଚ ପାତ୍ରଟା ତଳେ ପଡିଗଲା, କହିବା ଜରୁରୀ ନଥିଲା, ସେହି କାଚପାତ୍ରଟା ଗୁଣ୍ଡ ହୋଇଯାଇ ଥିଲା। ମା ରାଗତମତମ ହେଇ ବାବୁଙ୍କୁ ଚାହୁଁଥିଲେ ଆଉ ସାପପରି ସଁ ସଁ ହେଉଥିଲେ। ହେବା ଉଚିତ ମଧ୍ୟ, କାରଣ ସେଇ କାଚ ପାତ୍ରଟା ମା ପ୍ରଦର୍ଶନୀରୁ ଚାରିଶହ ଦେଇ କିଣିଥିଲେ। ଆଉ ବହୁତ ଭଲ ପାଉଥିଲେ ମଧ୍ୟ। ଅଧରାତିରେ ଘର ଭିତରେ ତୁମୁଳକାଣ୍ଡ ଆରମ୍ଭ ହେଇଗଲା। ସେ ଯା'ହେଉ ଏସବୁରୁ ନିସ୍ତାର ପାଇବାର ହେଲେ ମାଁଙ୍କ ଶରଣ ପଶିବା ଉଚିତ ହେବ ଭାବି ବାବୁ କହିଲେ, 'ମୁଁ ଭାବୁଛି କାଲି ଯାଇ ମାଁଙ୍କୁ ଦର୍ଶନ କରି ଆସିବି।' ବାସ ସେ ମାଁଙ୍କ ନାଁ ଶୁଣି ଏ ମା ନିରବ ହେଇଗଲେ।

ସକାଳୁ ସକାଳୁ ଡ୍ରାଇଭରକୁ ଡକାଇ ବ୍ୟାଙ୍କ୍ ବାବୁ ଆଦେଶ ଦେଲେ ସେ ଗାଁକୁ ଯିବାପାଇଁ। ସପତ୍ନୀକ ଯାଇ ପୋଖରୀହୁଡାରେ ଥିବା ମାଁଙ୍କ ଅସ୍ଥାୟୀ ମନ୍ଦିରରେ ମୁଣ୍ଡ ନୁଆଇଁଲେ ବାବୁ। ଅନିଚ୍ଛା ସତ୍ତ୍ୱେ ଏହା ସବୁ କରିବାକୁ ବାଧ୍ୟ ହେଲେ, କାରଣ ଗତରାତିରେ ସେ ଭାଙ୍ଗିଦେଇଥିବା କାଚପାତ୍ରର ଅବିକଳ ଏକ ପାତ୍ର କିଣି ଆଣିବା ବୋଧହୁଏ ତାଙ୍କ ଦ୍ୱାରା ସମ୍ଭବ ହୋଇ

ନଥାନ୍ତା। ମନେ ମନେ ଭାବୁଥିଲେ ଏ ଗାଁରୁ ବାହାରି ସହରରେ ଚାକିରୀ କରିଥିଲେ ଅନ୍ତତଃ ଏହି ସବୁ ପ୍ରକାର ମୁର୍ଖାମୀରୁ ତ୍ରାହି ପାଇଯାଆନ୍ତି।

ସେ ଯା'ହେଉ ଅଫିସ ପୂର୍ବରୁ ଘରେ ପହଞ୍ଚିଲେ ଭଲ ବୋଲି ଘରକୁ ଚାଲିଲେ। ଆଜି ଦିନରେ କୌଣସି ଅଘଟଣ ଘଟିନି। ଅବଶ୍ୟ ବାବୁଙ୍କ ଅସାବଧାନତା ଯୋଗୁଁ ମାଙ୍କ ଫୁଲକୁଣ୍ଡଟା ଭାଙ୍ଗିଗଲା, ଶାଢୀଟା ଗାଡିରେ ଲାଗି ଚିରିଗଲା, ଚାଲୁଚାଲୁ ଚପଲଟା ଛିଡିଗଲା, ଚା' ଖାଇଲା ବେଳେ ପୁଣିଥରେ ଉପରେ ପଡିଗଲା ଆଉ ଯାହା ଯେମିତି ସବୁଦିନେ ହୁଏ କିଛି କିଛି ଘଟଣା ଘଟିଗଲା। ମା ହସିଦେଇ କହିଲେ, 'ତୁମେ ଯୋଉ ଲୋକ ନା, ରାସ୍ତାରେ ଚାଲିଲେ ପରା ଛାତକୁ ଝୁଣ୍ଟିବ।' ବାବୁ ବୁଝିପାରୁନଥିଲେ ଏବେ ଠାକୁରାଣୀଙ୍କ କଥା ଉଠୁନାହିଁ କାହିଁକି? ଆଜି କାହିଁକି ସବୁ ଭୁଲ୍ ମୋର ବୋଲି କୁହାଯାଉଚି। ଭଲ ହେଇଚି ନହେଲେ ପ୍ରତିଦିନ ଠାକୁରାଣୀଙ୍କ ପାଖକୁ ଯିବା ସମ୍ଭବ ନୁହେଁ।

Space for Advertisements : -

This space can be Yours for only Rs 5000.00

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି
ଆହ୍ୱାନ
ଓଡିଶାର୍ ପ୍ରଥମ ସଂପୂର୍ଣ୍ଣ ଓଡିଆ ସାହିତ୍ୟିକ ଇ-ପତ୍ରିକା

ପ୍ରଥମ ସଂସ୍କରଣ
ଚତୁର୍ଥ ବର୍ଷ
ରଜ ବିଶେଷାଙ୍କ,
୨୦୧୦

# ନାୟିକାର୍ ନାମ ବନ୍ୟା

ସେ ଜଣେ ଅପରାଧୀ, ହେଲେ ଅପରାଧ କରିବାପରେ ନିଜ ଅପରାଧକୁ ଲୁଚେଇଦେଇ ସେ ସବୁକିଛି ଅନ୍ୟର ମୁଣ୍ଡରେ ଲଦିଦେବାକୁ ଉଦ୍ୟତ ହେଉଛି। ପୋଲିସ ସହିତ ନାଲିସ କରି ସେ ଛାତି ଫୁଲେଇ ଗାଁ ଦାଣ୍ଡରେ ବୁଲୁଛି, ଅଥଚ କିଛି ଦୋଷ ନ କରି ବି ବନ୍ୟା ଘର କୋଣରେ ବସି କାନ୍ଦୁଛି।

ଦିନ ହେଇ ସବୁ ଦଶଟା ହେବ। ଗାଁ ଦାଣ୍ଡରେ ବନ୍ୟା ଚାଲୁଥିଲେ, ସତରେ ଯେମିତି ବାସନାରେ ସାରା ଗାଁ ଭରି ଉଠୁଥିଲା। ସବୁ ଲୋକ ବନ୍ୟାକୁ ଭଲ ପାଆନ୍ତି। ରଘୁଆ ଗୋସେଇଁଙ୍କ ଗୋଟିଏ ବୋଲି ଝିଅ, ଦେଖିବାକୁ ଯେମିତି ଗୁଣରେ ବି ସେମିତି। ପାଠ ପଢିଛି, ଭଲମନ୍ଦ କଥା ସବୁ ବୁଝୁଛି। ଅଷ୍ଟା ନଇଁଗଲା ବାପାକୁ ଏକା ଏକା ବାଟ ଦେଖାଉଚି ସେ। ଗାଁ ପିଲାଙ୍କୁ ଭଲମନ୍ଦ ଶିକ୍ଷା ଦେଇଛି ସେ।



କିନ୍ତୁ କଥାରେ ଅଛି, ବଡିଲା ଝିଅକୁ ଘରେ ରଖିଲେ ଦୋଷ। କିନ୍ତୁ ଗୋସେଇଁ ବା କରିବେ କ'ଣ? ଝିଅ ସୁନ୍ଦରୀ ବୋଲି ତା ସମକକ୍ଷ ବର ମିଳିବା ଭାରୀ କଷ୍ଟ। ଅପାଠୁଆ ବ୍ରାହ୍ମଣବରକୁ ନିଜ ଝିଅ ଦେବାକୁ ସେ ଅରାଜି। ହେଲେ ଯିଏ ଯିଏ ଭଲ ବର ମିଳୁଛନ୍ତି ତାଙ୍କୁ ସମକକ୍ଷ ଯଉତୁକ ଦେବାର୍ ସାମର୍ଥ୍ୟ ତାଙ୍କର୍ ନାହିଁ।

ପିଲାଟି ଦିନରୁ ଗାଁ ଦାଣ୍ଡରେ ଖେଳିଡେଇଁ ବଡ ହେଇଚି ବନ୍ୟା। ତା'ର୍ ବା କି ଦୋଷ!!!

ରଘୁଆ ଗୋସେଇଁ ଝିଅ ପାଇଁ ପ୍ରସ୍ତାବ ଖୋଜି ଖୋଜି ବାଇଆ ହେଇଗଲେଣି। ଯୋଉଠିକୁ ଯାଉଛନ୍ତି, ତା'ଙ୍କ ଯିବା ପୂର୍ବରୁ ତାଙ୍କ ଝିଅର୍ ବଦନାମୀ ଆଗ ପହଞ୍ଚି ଯାଉଛି। ସେଇଠୁ ବି

ବର୍ଷ ହେଲାଣି। ଗୋଟିଏ ଚାଉଳରେ ଗଢା ବନ୍ୟା ଏବେ ଶୁଖି ଶୁଖି କଣ୍ଟା ହେଲାଣି। ଘରୁ ବାହାରିବା କଷ୍ଟ ହେଇଗଲା।

ଦି ବର୍ଷ ତଳର କଥା। ବନ୍ୟାକୁ ଅଠର ବର୍ଷ ହୋଇଥିଲା। ସାନତାରାପୁର ସରପଞ୍ଚଙ୍କ ପୁଅର ନଜର ପଡିଲା ତା'ଉପରେ ବାସ ତାପରେ ବନ୍ୟା ଆଉ ବନ୍ୟା ହେଇ ରହିଲା ନାହିଁ। ଦିନରାତି ଘରୁ ବାହାରିବା କଷ୍ଟ ହୋଇଗଲା ବନ୍ୟାର। ତାରାପୁର ସରପଞ୍ଚଙ୍କ ପୁଅ ମଳୟ ଖଣ୍ଡମଣ୍ଡଳରେ କୁଖ୍ୟାତ ଥିଲା, ନିଜର ଅଭଦ୍ରୋଚିତ ବ୍ୟବହାର ଆଉ କର୍ମକାଣ୍ଡ ପାଇଁ। ଦିନ ରାତି ସେ ଆସି ଏହି ଗାଁରେ ରହିଲା। ସବୁବେଳେ ସବୁସ୍ଥାନରେ ବନ୍ୟାକୁ ଆକଟିଲା। ବିବାହ କରିବାକଥା ସମ୍ଭବ ନଥିଲା, କାରଣ ବନ୍ୟା ଥିଲା ବ୍ରାହ୍ମଣ ଆଉ ମଳୟ ଅନୁଚ୍ଚ ଜାତିର। ମଳୟକୁ ଡରି ବନ୍ୟା ଘରକୁ ସଂସାର କରିଦେଲା।

ବନ୍ୟାପାଇଁ ଆସୁଥିଲା ଅନେକ ପ୍ରସ୍ତାବ, ହେଲେ ମଳୟ ଆଉ ସେ ସବୁ ହେବାକୁ ଦେଲାନାହିଁ। ପୁଅ ଘରୁ ଆସୁଥିବା ଲୋକଙ୍କୁ ମାରଧର କରିବା ସହିତ ବନ୍ୟା ନାଁରେ ଅପପ୍ରଚାର କରିଦେଇଥିଲା। ତଥାପି କେତେକ ଲୋକ ବିବାହ ପାଇଁ ରାଜି ହୋଇଥିଲେ, ହେଲେ ମଳୟର ଗୁଣ୍ଡାମାନେ ସେ ସବୁର ସ୍ୱପ୍ନ ଧୂଳିସାତ କରିଦେଲେ। ଏମିତି ବି ଦିନେ ହୋଇଥିଲା, ଯେ ଦୁଆର ପର୍ଯ୍ୟନ୍ତ ଆସିଥିବା ବରଯାତ୍ରୀ ପ୍ରାଣବିକଳରେ ଚାଲିଯାଇଥିଲେ।

ଆଉ ପ୍ରସ୍ତାବ ଆସିଲାନି। ରଘୁଆ ଗୋସେଇଁ ନିଜ ଜୀବନଠୁ ବଳି ଭଲ ପାଉଥିଲେ ଝିଅକୁ କିନ୍ତୁ ଦିନକୁ ଦିନ ସେ ଏକ ବଡ ବୋଝ ଭଳି ଲାଗିବାକୁ ଆରମ୍ଭ ହେଲା। ଗୋସେଇଁ ସେ ଦୁଃଖରେ ଅଣ୍ଟା ନଇଁ ପକାଇଲେ। କେତେଥର ମଳୟର ବାପାକୁ ଯାଇ କହିଲେ, ହେଲେ ଫଳ ହେଲା ଓଲଟା।

ଦୁଇବର୍ଷର ଅପମାନଭରା ଜୀବନର ପ୍ରତ୍ୟେକ ମୁହୂର୍ତ୍ତର କଷ୍ଟ ବନ୍ୟାକୁ ପ୍ରତାଡିତ କରୁଥିଲା। ଘରର କବାଟ ଖୋଲିଲେ ମଳୟର ରୂପ ଦେଖି ମନରେ ନିଆଁ ଲାଗିଯାଉଥିଲା, ମନେ ମନେ ଭାବୁଥିଲା, ଏ କ୍ଷଣି ଯାଇ ତା' ତଣ୍ଟି ଚିପି ମାରିଦିଅନ୍ତି। ହେଲେ ସେ ଥିଲା

କୋମଳାଙ୍ଗୀ। ମଳୟର ବଳବପୁ ଦେଖିଲେ ସେ ଦୁର୍ବଳ ହୋଇ ପଡୁଥିଲା।

ସୁଦୁର ବାଲେଶ୍ୱରରୁ ଗୋଟିଏ ପ୍ରସ୍ତାବ ଆସିଥିଲା। ଯା'ହେଉ ଗାଁର କିଛି ମୁରବୀ ଲୋକଙ୍କ ସାକ୍ଷ୍ୟପ୍ରମାଣରୁ ବିବାହଟା ବି ସ୍ଥିର ହୋଇଗଲା। କାର୍ଜିକରଣେ ବିବାହପାଇଁ ପୁରୀ ଯିବାକୁ ଉଚିତମନେ କଲେ। ମଳୟର ପ୍ରାଦୁର୍ଭାବରୁ ମୁକ୍ତି ପାଇବାକୁ ହେଲେ, ସେ ଏ ଗାଁ ଛାଡି ବାହାରେ ଯାଇ ବିବାହ ତୁଟାଇ ଦେବାଟା ଉଚିତ୍ ହେବ ବୋଲି ସମସ୍ତେ ମତ ଦେଲେ। ହେଲେ ଠିକ ଏଇ ସମୟରେ ଅଘଟଣ ଟାଏ ଘଟିଲା। ମଳୟ୍ କାନରେ ଏ ସବୁ କଥା ପଡିଲାପରେ ହାତରେ ଖଣ୍ଡାଧରି ଗାଁ ଦାଣ୍ଡରେ ଛାତିଫୁଲାଇ ପେଟେ ମଦ ପିଇ ବୁଲିଲା ମଳୟ୍। କହିଲା ବନ୍ୟାକୁ ଯଦି କେହି ବିବାହ କରିବ ସେ ତା'କୁ ଏଇ ଖଣ୍ଡାରେ ହାଣି ଟିକିଟିକି କରିଦେବ। ସନ୍ଧ୍ୟାବେଳକୁ କୋଠଘରୁ ପୂଜାସାରି ଫେରୁଥିବା ରଘୁଆ ଗୋସେଇଁଙ୍କ ବେକରେ ଖଣ୍ଡା ରଖି କହିଲା, ଯଦି ଭଲ ଦଶା ଅଛି ତ ତୋ ଝିଅକୁ ମୋ ପାଖକୁ ପଠେଇ ଦେ, ନହେଲେ ତୋ ମୁଣ୍ଡ ରହିବନି।

ଅନ୍ଧାର ଗଡି ଯାଇଥିଲା। ଗାଁ ମୁରବୀଏ ବସି ସଭା କରୁଥିଲେ। କ'ଣ କରାଯିବ। ବନ୍ୟା ନିର୍ବିକାର ଭାବରେ କହିଲା, 'ବାପା ମୋର ଆଉ ବିବାହ କରିବାର ଆଶା ନାହିଁ। ମୋତେ ଘୃଣା ଲାଗୁଛି ଏ ଜୀବନଟା। ଯଦି ମଳୟ୍ ମୋତେ ପାଇଲେ ତୁମକୁ ଛାଡିଦେବ, ବୋଇଲେ ମୁଁ ମଳୟ୍ ପାଖକୁ ଯିବି।'

ରଘୁଆ ଗୋସେଇଁଙ୍କ ଆଖିରୁ ଲୁହ ଦୁଇଧାର ବହି ଆସୁଥିଲା। କାର୍ଜିକରଣେ ଉଠି ନିଜ ନିଜ ଘରକୁ ଚାଲିଗଲେ। ରାତ୍ରୀର ଘନ ଅନ୍ଧକାର, ବନ୍ୟା ଘରର କବାଟ ଖୋଲିଲା। ସାମନାରେ ଥିବା ପିଣ୍ଡା ଉପରେ ମଳୟ୍ ବସିଚି। ରାତିର ମଦର ନିଶା ଆହୁରି ଉତୁରିନି। ବନ୍ୟା ସନ୍ତର୍ପଣରେ ପାଦ ଚିପି ଚିପି, ଚାଲିଲା। ଗାଁ ଦାଣ୍ଡ ମଝିରେ ପିଣ୍ଡାରେ ବସିଥିଲା, ମଳୟ୍। ତା ଆଖିକୁ ଚାହିଁ କହିଲେ, 'ଦେଖ୍ ମୁଁ ଆସିଚି। ତୋର ଯାହା ଇଚ୍ଛା ହେଉଚି କର।' ନିଶାରେ ଥାଇ ମଳୟ୍ ବନ୍ୟା ଉପରକୁ ଲୋଲୁପ ଦୃଷ୍ଟିରେ ଦେଖୁଥିଲା। ତା ହାତଧରି ଟାଣି ଆଣିଲା, ନିଜ ପାଖକୁ। ମଳୟକୁ ଭିଡିଧରିଥିଲା ବନ୍ୟା। ପାଖରେ ଥିବା ଖଣ୍ଡାକୁ ଧରିଲା ଆଣ୍ଟକରି ଆଉ ମଳୟର

ବେକ ପଛରେ ରଖି ଆଗକୁ ଝୁଙ୍କି ପଡିଲା ବନ୍ୟା। ପିଚ୍ ପିଚ୍ କରି ରକ୍ତର ଛିଟା ସବୁଆଡେ ବିସ୍ତାରିଗଲା। ଗାଁ ଗାଁ ହୋଇ ଦାଣ୍ଡ ମଝିରେ ପଡିଥିଲା ମଳୟର ଶରୀର। ଛଟପଟ ହେଉଥିଲା। ତା ପାଖରେ ନିର୍ବିକାର ଭାବରେ ଠିଆ ହୋଇଥିଲା ବନ୍ୟା। କେଇ କ୍ଷଣ ଛଟପଟ ହେଲାପରେ ନିଶୁନ୍ ହେଇଗଲା ଶରୀରଟା।

ବନ୍ୟା ଆଉ ଫେରି ଚାହିଁଲା ନାହିଁ। ସେଇ ଅନ୍ଧାରରେ ହିଁ ଚାଲିଲା ଗାଁ ପୋଖରୀ ତୁଠକୁ। ନିଜକୁ ଭଲଭାବରେ ଗାଧୋଇ ଦେଇ ଘରକୁ ଫେରିଲା। ସକାଳର ପ୍ରଥମ କିରଣ ଅଡିଲା ବେଳକୁ ଗାଁ ଦାଣ୍ଡର ବିଭତ୍ସ ଦୃଶ୍ୟଦେଖି ସବୁ ଅବାକ୍ ହୋଇଗଲେ। ମଳୟକୁ କିଏ ହତ୍ୟା କରିଛି, ବୋଲି ପୋଲିସ ତନାଘନା କରୁଥିଲା। ହତ୍ୟାକାଣ୍ଡ ରଘୁଆ ଗୋସେଇଁ ଘର ସାମନାରେ ହୋଇଥିଲା, ହେଲେ ପୋଲିସର କୁକୁର ହତ୍ୟା ସ୍ଥାନରେ କିଛି ସୁରାକ ପାଇଲା ନାହିଁ। ଗାଁ ବଡ ପୋଖରୀ ତୁଠଯାଏଁ ଯାଇ ଫେରି ଆସିଲା।

କରଣେ କହିଲେ, ଗ୍ରହଟା ଥିଲା, ଏବେ ହଟିଲା। ଗାଁ ଦାଣ୍ଡ ଅଶୁଦ୍ଧି ହେଲା କହି ଯଜ୍ଞ କରାଗଲା। ବନ୍ୟାର ବିବାହ ବାଲେଶ୍ୱରରେ ହୋଇଥିଲା।

Space for Advertisements : -

This space can be Yours for only Rs 5000.00

ପ୍ରଥମ ସଂସ୍କରଣ
ଚତୁର୍ଥ ବର୍ଷ
ରଜ ବିଶେଷାଙ୍କ,
୨୦୧୦



# କାଳର ଭୟ



ମଗୁଶୁର ଗୁରୁବାର ଭଳିଆ ପୁରା ଗାଁ ଆଜି ଚମକୁଚି। ଦୁଆରେ ଦୁଆରେ ଚିତା ଚଇତି ହେଇଚି। ସବୁ ଦୁଆରେ ଫୁଲମାଳ ସହିତ ଦୁବ ବରକୋଳି ପତ୍ର ଥୁଆ ହେଇଚି। ଯିଏ ହେଲେ ସୁଧାରୁ ଧୋକା ଖାଇଯିବ ଯେ ଆଜି କୁଆଡେ ମାଣବସା ଗୁରୁବାର ନାହିଁ ତ?

ରଘୁ ଗୋସେଇଁଙ୍କୁ ବେଳ ନାଇଁ। ଧାଇଁ ଧାଇଁ ନୟାନ୍ତ ହେଲେଣି। ଏ ଦୁଆରୁ ସେ ଦୁଆର୍, ବାର୍ ଦୁଆରେ ପୂଜା କରି କରି ଅଣ୍ଟା ଲାଗିଲାଣି। ହେଲେ ମଧ୍ୟ ସବୁ ଦୁଆରକୁ ଯିବାକୁ ହେବ। କାରଣ ଗାଁ ଟା ଯାକରେ ଏକା ସେଇ ପୁରୋହିତ। ପିଲା ପୁରୋହିତଙ୍କୁ ଏ ପୂଜା ପରବ ଜଣାନାହିଁ। ତେଣୁ ସବୁ ଦୁଆରକୁ ସେ ଉଭା ହେବାକୁ ପଡିବ। ଘଣ୍ଟ ଘଣ୍ଟା ଧରି କାର୍ଜିଘର ଆଗରେ ଦୁବବରକୋଳି ପତ୍ରର ସମ୍ଭାର ଲାଗିଛି।

ମୁହଁ ପାହାନ୍ତିରୁ ଘରୁ ବାହାରିଥିଲେ ଯେ ଗୋସେଇଁ ବେଳ ଘଡିଏ ହେଲାଣି ତୁଣ୍ଡରେ ପାଣି ଟୋପାଟେ ଦେବାକୁ ବେଳ ନାହିଁ। ଦିନ ଯାଇ ସଂଜ ହେଲାଣି, ତଥାପି ପୂଜା ସରୁନି। ଚଂପିନାନି ଦୁଆରେ ବିକଳ ହେଇ ଦେଖୁଛି। ହେଇ ଗୋସେଇଁ ବଳିଆ ଘରକୁ ଗଲେ, ହେଇ ରାମିଆ, ହେଇ ସରତା, ହେଲେ ତା'ଦୁଆର ଆଉରି ଅନେକ ବାଟ ଅଛି। ପିଲା ଦିଟା ଭୋକରେ ଆଉଟୁ ପାଉଟୁ ହେଲେଣି। ପୂଜାଟା ସରିଗଲେ ଯାଇ ଚୁଲି ଜଳିବ।

ରାମ ମହାନ୍ତିଘରେ ପୂଜା ସାରି ଗୋସେଇଁ ବାହାରୁଥିଲେ, ଚଂପିନାନୀ ଡାକ ପକାଇଲା, 'ହଇହେ ମହାପ୍ରୁ, ମୋ ଘରେ ଟିକେ ପୂଜାଟା କରିଦେନ୍ତେ ନି, ପିଲା ଦି'ଟା ଭୋକରେ

ଶୁଖିଗଲେଣି। ରଘୁଆ ଗୋସେଇଁ ପାଦ ବଢାଇଥିଲେ ଚଂପିନାନୀ ଘରକୁ, ଅଇଁଠୁ ଓଡିଆ ପାଟି କରିଉଠିଲା, କହିଲା, ଆଗେ ମୋ ଘରେ ପୂଜା ହବ, ନଇଲେ ସବୁ ଗଡବଡ କରିଦେବି। ଅଇଁଠୁ ଏ ସନ ଜେଲ୍‌ରୁ ମୁକୁଳିଚି, ଯେ ତା'ତୁଣ୍ଡ ଶୁଣି ଯାହାର ହେଲେ ପିଳେହି ପାଣି ହେଇଯାଉଚି। ଲୋକେ କହନ୍ତି ସେ କୁଆଡେ ସୁରାଟ ଯାଇଥେଲା, ସେଇଠି କା'କୁ ଗୋଟାଏ ହାଣି ଦେଇଚି ବୋଲି ଦି ବରଷ ଜେଲେ କାଟିଲା। ଅଗତ୍ୟା ରଘୁଆ ଗୋସେଇଁଙ୍କ ପାଦ ଅଟକି ଗଲା।

ରାମ ମହାନ୍ତି ଭାରିଯା କହିଲା, ଏ ନାନୀ ପିଲା ଦିଟାକୁ ମୋ ଘରକୁ ପଠେଇ ଦିଅ, ଭୋଗ ତ ହେଇଗଲାଣି, ଦି'ଟା କଣ ଖାଇବାକୁ ଦେଇଦେଲେ ଚୁପ ହେଇଯିବେ।' ନାନୀ ପିଲାମାନଙ୍କୁ ପଠେଇଦେଇ

ଦୁଆରେ ବସି ପଡିଲା। ଜହ୍ନ ଉଇଁଲା ବେଳକୁ ରଘୁଆ ଗୋସେଇଁଙ୍କ ଅଣ୍ଟାରେ ଆଉ ବଳ ନାଇଁ। କାନିରେ ଭରି ଭରି ଭୋଗ ଦକ୍ଷିଣା ଧରି ଘରକୁ ବାଟୋଉଥିଲେ ଦିନ ସାରା, ସଞ୍ଜବେଳକୁ ଘରକୁ ଗଲାବେଳକୁ ଆଉ ବାଟ ନାହିଁ, ଗୋସେଇଁ ଭାରିଯା, ବସି ନଡିଆ, ଉଖୁର, ରାଶିଲଡୁ ଆଉ ସବୁ ଯାହା ଯାହା ମିଳିଥିଲା ତା'କୁ ଭାଗ କରି ରଖୁଚି।

ଗୋସେଇଁ ମଠା ପାଲଟିଦେଇ ଖଟିଆ ଉପରେ ଗଡି ପଡୁଥିଲେ ଭାର୍ଯ୍ୟା ତାଙ୍କର୍ ଘଡଘଡି ଶବ୍ଦ କରି କହିଲେ, ହଇହେ ଦକ୍ଷିଣା କାହିଁ। ବିଚରା ମରଦ ଦିନସାରା ଖଟି ଖଟି ଯୋଉ ଦୁଇ ତିନି ହଜାର ଦକ୍ଷିଣାରେ ପାଇଥିଲା, ସବୁତକ ଅଣ୍ଟାରୁ ଝଣଝାଣ ହୋଇ ପକେଇଦେଲା। ଏତେ ଟଙ୍କା ଦେଖି ଗୋଏଇଁଆଣୀ ଖୁସ୍। କହିଲା, ହଇହେ ସବୁ ଦିନ ଏମିତି ବ୍ରତ ହୁଅନ୍ତା କି? ଗୋସେଇଁ ଗୋଟେ ଅପ୍ରାକୃତିକ ହସ ହସିଦେଇ କହିଲେ, ହଁ ଅଣ୍ଟା ସଳଖ ଥିଲେ ନିଶ୍ଚେ ଭଲ ହେନ୍ତା। ରାତି ହେଉ ହେଉ ଗୋସେଇଁଙ୍କ ଭୋକ ମରିଯାଇଥିଲା, ଦି ଗେରସ୍ତ ଭାରିଯା ମିଶି ଦକ୍ଷିଣା ଆଉ ଭୋଗ ସବୁ ରଖାଥୁଆ କଲେ।

କୋଠ ଘର ସାମନାରେ ବସି କରଣେ କହୁଥିଲେ, 'ଭାଇନା ମତେ ଲାଗୁଚି ଇଏ ସବୁ

ଖାଲି ଗୋଟେ ପ୍ରହସନ'। କାର୍ଜିଏ କହିଲେ, 'ହେଇଥିବ, କିଏ ଜାଣିଚି। ଲୋକେ କହିଲେ ତ ଆମେ ସବୁ ବାଇଲା ଭଳିଆ କଲେ। ପୂଜାଟେ ତ କଲୁ ନା! କୋଉ ପାପ କଲୁ କି।' କରଣେ କହିଲେ, 'ହଁ ସତ କଥା ଏକା।' ବଳିଆ କହିଲା, 'ଆଜ୍ଞା ଯଦି ଏଇଟା ସତ ହେଇଥିବ ଦେଖିବ ଛାଏଁ କୁ ଛାଏଁ ତଳ ସାହିରେ ନିଆଁ ଲାଗିଯିବ।' କରଣେ କହିଲେ, 'ହେ! ଭଲ କଥାଟେ ତୁଣ୍ଡରେ ଧର।' ବଳିଆ କହିଲା, 'ନାଇଁ ଆଜ୍ଞା ତଳସାହିରେ ଯେତେସବୁ ହାଡିପାଣ ଘର ରହୁଚେତି ସବୁ କିଏ ବି ପୂଜା କରିନାହାନ୍ତି। ରଘୁଆ ନନା ତ ମନା କଲା ଯିବନି ବୋଲି। ସେ ଶୁଣ୍ଡିଘରୁ ଡେଇଁଲା ପରେ ପରେ ତ ରଘୁଆ ପୁରୋହିତେ ଫେରି ଆଇଲେ।' କାର୍ଜି କହିଲେ, 'ଫେରି ନଥାନ୍ତା ତ କ'ଣ ଚଣ୍ଡାଳ ସାହିକୁ ଯାଇଥାନ୍ତା?'

ସବୁ ଏଇମିତି କଥା ହେଲାବେଳକୁ ତଳ ସାହି ଆଡୁ ଧାଇଁ ଆସିଲା ରାଧୁଆ, କହିଲା, 'ମାଷ୍ଟ୍ରେ ମାଷ୍ଟ୍ରେ ତଳ ସାହିରେ ନିଆଁ ଲାଗିଗଲା।' କିଏ କଣ ବୁଝିଲା ବେଳକୁ ପବନ ନେଇ କହିଲା, 'ଦେଖୁନ ହେଇ ସିଆଡୁ କେମିତି ଧୂଆଁ ଉଠୁଚି।' ବଳିଆ କହିଲା, 'ଆଜ୍ଞା ମୁଁ କଣ କହିଥିଲି।' କାର୍ଜିଏ କହିଲେ, ' ସତ କହୁଥିଲୁରେ ବାପା।' କରଣେ କହିଲେ, 'କଣ କହୁଥିଲୁ କଣ ନାହିଁ ପରେ ବୁଝିବା, ଯା' ବାଲଟି ଧରି ବାହାରି ପଡ ନିଆଁ ଲିଭେଇବା।' କରଣେ ପବନ ବେଗରେ ତଳ ସାହି ଆଡକୁ ଚାଲିଗଲେ। ବଳିଆ କାର୍ଜିଙ୍କୁ ଆଁ କରି ଚାହିଁଲା। କାର୍ଜି କହିଲେ, ଆଜି ସକାଳୁ ଅଣ୍ଟା ଟା ଧରି ଦେଇଚି ଯେ ହଲଚଲ ହେଇ ପାରୁନି, କଣ କରିବା, ଏ ଦୁର୍ବଳ ମୁହୂର୍ତ୍ତରେ କିଛି ସାହାଯ୍ୟ ବି କରିହେବନି।' କହି ସେ ଘରଉ ଚାଲିଲେ। ବଳିଆ ଜାଣିପାରିଲାନି କଣ କରିବ। ଗଲେ ଧର୍ମ ଯିବ, ନଗଲେ କରଣ ମାଷ୍ଟ୍ରେ ଛାଡିବେନି। ଅଗତ୍ୟା ଗାମୁଛାଟେ ଭିଡିଦେଇ ଧାଇଁଲା।

କାର୍ଜିଆଜ୍ଞା ଦମକଳ କେନ୍ଦ୍ରକୁ ଫୋନ୍ କରିଦେଲେ। ଯା'ହେଉ ଦମକଳ ଆସୁ ଆସୁ ନିଆଁ ଲିଭିଯାଇଥିଲା। ଖୋଲା ଆକାଶ ତଳେ ଦଶଟା ପରିବାର ସାରାରାତି ରହିଲେ। ଗାଁ ସ୍କୁଲ୍ ବାରଣ୍ଡାରେ ସକାଳୁ ସକାଳୁ ଭିଡ ହେଲା। କୋଠଘରୁ ଦିଆଯାଇଥିଲା ଚାଉଳ ଡାଲିରେ

ଡାଲମା ଭଳି ଭାତକରି ଦଶ ପରିବାର ଖାଇଲେ।

ଗାଁ ଲୋକେ କହିଲେ ପୂଜା ନ କରି ସେମାନେ ଏ ଭୋଗ ଭୋଗିଲେ। କେହି ବି ସେମାନଙ୍କୁ ଦେଖିବାକୁ ଗଲେନି। ସରକାରୀ ଗାଡି ଆସି ସବୁ କ୍ଷୟକ୍ଷତିର ଆକଳନ କଲେ। ଘରପିଛା ପନ୍ଦର ଶ' ଟଙ୍କା ଦେଇ ଚାଲିଗଲେ। ଯା'ହେଉ ହପ୍ତ ଦିଟାରେ ସବୁ ଘରଦୁଆର ପୁଣି ଠିଆ ହେଇଗଲା।

ସେ ଦିନ ସଞ୍ଜବେଳେ ଗାଁ ମଝି ମଣ୍ଡପରେ ବସି ଏଇ କଥା ହେଉ ହେଉ ଜଣାପଡିଲା ଯେ ନିଆଁଟା ଲାଗିଲା କେମିତି। ଏ ରହସ୍ୟର ସୁତ୍ରପାତ କଲା ବଳିଆ। ଯୋଉଦିନ ଗାଁରେ ପୂଜା ଚାଲିଥିଲା। ସବୁ ଲୋକବାକ ପୂଜାରେ ବ୍ୟସ୍ତ ଥିଲାବେଳକୁ ଗଉରା ଶୁଣ୍ଡି ବାଡିରେ ମଦ ରାନ୍ଧିବାରେ ବ୍ୟସ୍ତ ଥିଲା। ତା'କାମ ଦେଖି ମାଇପି କହିଲା, 'ହଇହେ ଆଜିପରା ପୂଜା ଦିନଟାରେ ଏତା କିସ କରୁଚ?' ମଣିପିମିଳିପି ଝଗଡାରୁ ମନ ଧରାଧରି ହେଲା, ପୂଜାଥିଲା ବୋଲି ଶୁଣ୍ଡି ଭାରିଯା ଦିନସାରା ଅଖିଆପିଆ ହେଇ ଥିଲା, ସଞ୍ଜହେଉ ହେଉ ଯେମିତି ଗଉରା ପୋଖରୀ ଆଡେ ଯାଇଚି, ସେଇମିତି ମଦ ହାଣ୍ଡିକୁ ଉଠେଇ ଦେଲା କଚାଡି। ଶୁଣ୍ଡି ଘର ପରେ ପରେ ଥିଲା ତଳସାହି, ହରିଜନ ପିଲେ ଶୁଣିଲେ ଯେମିତି ଶୁଣ୍ଡି ବାଡିରେ ଆସି ଭଙ୍ଗା ହାଣ୍ଡିରୁ ମଦ ନେଇ ପିଇଥିଲେ। ବାସ୍ ସେଇ ନିଶାରେ ବିଡି ଟାଣି ଟାଣି କିଏ ଗୋଟେ ବିଡିଖଣ୍ଡେ ପକାଇଦେଲା ଯେ ବାଉଁଶକାମ କରୁଥିବା ଲୋକମାନଙ୍କ ବାଉଁସ ପାତିରେ ନିଆଁ ଲାଗି ଚାରିଆଡେ ବ୍ୟାପିଗଲା।

ସବୁ ହେ ହେ ହେଇ ହସିଲା ବେଳକୁ, ରଘୁଆ ଗୋସେଇଁ ଆସି କହିଲେ, କଥାଟା କିନ୍ତୁ ଠିକ୍ ହେଲାନି। ଯାହା ହେଲେ ବି ମା ଯୋଡିକଁୟାର ଦୃଷ୍ଟି ବକ୍ର ହେଲାବୋଲି ନିଆଁ ଲାଗିଲା ନା। ଯୋଡିକଁୟା ନାଁ ଶୁଣି ବଳିଆ କହିଲା, 'ନନା ସେ ଦିନ ଏତେ ଘର ପୂଜା କଲ, ଭଲ ମାଲ ପାଇଥିବ ତ।' ରଘୁଆ ଗୋସେଇଁ କହିଲେ, 'ବୁଝିଲୁ ବାପ ତୋତେ ଖାଲି ମାଲ୍ ଦିଶିବ ହଇରେ ଯୋଡିକଁୟାଙ୍କୁ ହୃଦରେ ଧରି ସାରା ଗାଁ ବୁଲି ବୁଲି ଯୋଉ ପୂଜା କଲି ଆଉ ଯୋଉ ଦେହ ଜାଳିଲି ତା'ତତେ ଦିଶିବ ନାହିଁ।' ବଡ ବଡିଆ ଦିଜଣ ବଳିଆକୁ ଆକଟ କରି କହିଲେ

ପ୍ରଥମ ସଂସ୍କରଣ
ଚତୁର୍ଥ ବର୍ଷ
ରଜ ବିଶେଷାଙ୍କ,
୨୦୧୦

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି
ଆହ୍ୱାନ
ଓଡିଶାର୍ ପ୍ରଥମ ସଂପୂର୍ଣ୍ଣ ଓଡିଆ ସାହିତ୍ୟିକ ଇ-ପତ୍ରିକା

ଥଟା କରନା, ନଇଲେ ତୋ'ଘରେ ନିଆଁ ଲାଗିଯିବ ଯେ। ଗୋସେଇଁ କହୁଥିଲେ, 'ସାତ ଦିନ ହେଇଗଲା ପୂଜାର୍ ଏବେ ପୂଜାକୁ ଉଜେଇବାକୁ ପଡିବ। ମାଟିଆ ଗଡିଆ (ପୋଖରୀ) ପାଖରେ କାଲି ଯୋଡିକୟାଁଙ୍କ ଆବିର୍ଭାବ ହେବ। ଯୋଉ ପୂଜାକରି ମଞ୍ଜି ବୁଣିଥିଲେ ସବୁ ଧରି କାଲି ଗାଁ ପୋଖରୀ ପାଖରେ ସବୁ ଜମାହେବେ।'

ଘରକୁ ପଶିଆସୁଥିବା ରଘୁଆ ଗୋସେଇଁଙ୍କୁ ଭାରିଯା କହୁଥିଲେ, 'କହିଦେଲ ନା, କାଲି ପୂଜା ସମାପନ ହେବ ବୋଲି।' ରଘୁଆ ଗୋସେଇଁ ହସିଦେଇ କହୁଥିଲେ, 'ହଁ କହିଦେଇଚି। ଆଉ କହିଚି, ମାଟିଆ ଗଡିଆ ପାଖରେ ପୂଜା ସମାପନ ହେବ। କେତେ ଆଉ ଦୁଆର ଦୁଆର ଧାଇଁବି? ଗୋଟେ ଥାନରେ ସବୁ ଜମା ହେଲେ କାମ ସରିଲା।' ଭାରିଯା କହୁଥିଲେ, 'ବାଃ ତୁମେ ଭାରୀ ସିଆଣିଆ ହେଇଗଲଣି।' ରଘୁଆ ଗୋସେଇଁ କହୁଥିଲେ' ଯେତେଦିନ ଯାଏଁ ଲୋକ ଡରିବେ ତାଙ୍କୁ ଏଇମିତି ଡରାଇବା କୁ ପଡିବ।' ଦି ଗେରସ୍ତଭାରିଯା ହସି ହସି ବେଦମ ହେଉଥିଲେ।

Space for Advertisements : -

This space can be Yours for only Rs 5000.00

ପ୍ରଥମ ସଂସ୍କରଣ
ଚତୁର୍ଥ ବର୍ଷ
ରଜ ବିଶେଷାଙ୍କ,
୨୦୧୦




# ପ୍ରେମ

ସୁଶାନ୍ତ କୁମାର ପଟ୍ଟନାୟକ

କିଏ ଜାଣିଥିଲା
ସେ'ଦିନର ବିନ୍ଦୁଏ ପ୍ରେମ ଯେ
ଦିନେ ତୁହାଇ ତୁହାଇ
ସମୁଦ୍ର ପରି ଗର୍ଜି ଉଠିବ
ଶେଷରେ ମତେ ହିଁ
ତା ଗର୍ଭରେ ମିଶାଇ
ଗଭୀରତା ଆଉ ପରିଧିକୁ
ଆହୁରି ଆହୁରି ବ୍ୟାପ୍ତ କରିବ।

ଅଶୋକ ନଗର-୬, ବ୍ରହ୍ମପୁର



ପ୍ରଥମ ସଂସ୍କରଣ
ଚତୁର୍ଥ ବର୍ଷ
ରଜ ବିଶେଷାଙ୍କ,
୨୦୧୦



# ଅନୁଗ୍ରହ

ଶ୍ରୀମତି ନମିତା ଦାଶ (ନିତୁ)

ସିନ୍ଦୁର ପିନ୍ଧାଇ ପାରିଲନି ବୋଲି
ମୁଁ ତୁମ ପ୍ରଣୟିନୀ,
ତୋପେ ସିନ୍ଦୁରରେ ସଂପର୍କ
ବନ୍ଧାପଡି ଯାଇଥାନ୍ତା
ନା'ତମେ ଥା'ନ୍ତ ସେଠି ନା ମୁଁ ଥା'ନ୍ତି,
ଗଧ ପିଠିରେ ଧୋବାଲୁଗାର ବୁଜୁଳି ପରି
କର୍ତ୍ତବ୍ୟ ବୋଧର ବୋଝରେ
ଭାରାକ୍ରାନ୍ତ ହୁଅନ୍ତା ପ୍ରଣୟର ପଥ।
ଉଠା ଦୋକାନ ଉଚ୍ଛେଦ ହେବାପରି
ବାରମ୍ବାର ଭାଙ୍ଗୁଥା'ନ୍ତା ସଂପର୍କ
ନା ଏ ସରଳ ମନ ଥା'ନ୍ତା ନା
ଭଲ ପାଇବାର ଅଦମ୍ୟ ଇଚ୍ଛାଟି,
ବୁଡିଆଣୀ ଜାଲରେ ମାଛି ଛନ୍ଦି ହେବାପରି
ଧାରେ କଳାମାଳି ଶ୍ୱାସରୁଦ୍ଧ କରି ପକାନ୍ତା,
ବଞ୍ଚିବାର ବାଟ ମାନଙ୍କରେ ତାଲାପଡି,
ଚାବି ସବୁ ହଜି ଯାଇଥାନ୍ତା।



ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି
ଆହ୍ୱାନ
ଓଡିଶାର୍ ପ୍ରଥମ ସଂପୂର୍ଣ୍ଣ ଓଡିଆ ସାହିତ୍ୟିକ ଇ-ପତ୍ରିକା
ପ୍ରଥମ ସଂସ୍କରଣ
ଚତୁର୍ଥ ବର୍ଷ
ରଜ ବିଶେଷାଙ୍କ,
୨୦୧୦

# ଅନ୍ତରାଳେ

ସୁଶାନ୍ତ କୁମାର ପଟ୍ଟନାୟକ

ବେଳେବେଳେ ଖାଲି ଇଚ୍ଛା ହେଉଛି
ଗଣ୍ଠି ପକେଇ ରଖିଥିବା ସବୁ କଥାକୁ
ଖୋଲି ଦିଅନ୍ତି କି?
ଗଢିଥିବା ପଦାର୍ଥ ସବୁ ନିଜ ହାତେ
ଭାଙ୍ଗି ଦିଅନ୍ତି କି?
ଶୁଆପରି ଘୋଷିଥିବା ପଦ ସବୁ
ଭୁଲି ଯାଆନ୍ତି କି?
ପରିଶେଷରେ
ହାରି ହାରି ହଜି ଯାଆନ୍ତି କି?
କେହି ନା କେହି ତ,
ଖୋଜି ଆଣି ଧରାଇ ଦେବ,
ଭୁଲି ଯାଇଥିବା ମନ୍ତ୍ର
ଭାଙ୍ଗିଦେଇ ଥିବା କାଚ ଘର
ନିଜଠୁ ବି ବେଶୀ ଭଲ ପାଉଥିବା
ହୃଦୟ ଖଣ୍ଡ।



# ନିଶିଥ ଉପହାର୍

ଶ୍ରୀମତି ନମିତା ଦାଶ (ନିତୁ)



ଆଖି ଆଗରେ ନାଚି ଯାଉଛି ସେ ପ୍ରକୋପ ମୁହଁ। ସରଳ ଝିଅଟି ମଥାପାତି ଠିଆ ହୋଇଛି। ପାଟି ଖୋଲିବାର ସାହସ ଟିକକ ହରାଇ ବସିଛି, ବିଷମ ସଂକଟରେ ପଡି କାହିଁକି ସେ ଭୁଲ କରି ବସିଲା। ଭୁଲ ନୁହେଁ ତ ସେ , ବାପାଙ୍କ ଆଖିରେ ଅକ୍ଷମଣୀୟ଼୍ ଅପରାଧ।

'ବିନି' ବାପାଙ୍କ ଡାକରେ ଥରିବାକୁ ଲାଗିଲା କୋମଳମତି, ରୂପବତୀ କନ୍ୟା ବିନିତା। ବାପାଙ୍କ ଆଦେଶ 'କାଲିଠୁ କଲେଜ ଯିବା ବନ୍ଦ।' ବିନିତା କିଂକର୍ତ୍ତବ୍ୟ ବିମୁଡା ହୋଇ ନିକଟ ଭବିଷ୍ୟତର କଥା ଭାବିବାକୁ ଲାଗିଲା। ସେ ତ ଗୋଡରେ ବେଡି ପକାଇ ରହିବ ହେଲେ ତାଙ୍କ ଜୀବନଟା ତେଣେ ତିଳ ତିଳ ଦହଗଞ୍ଜ ହେବ ତାକୁ ନ ପାଇ। ସୁବୋଧ କାହିଁକି ତାକୁ ଭଲ ପାଇ ବସିଲା, ତାର ଶତ ବାରଣ ସତ୍ତ୍ୱେ। କାହିଁକି ଜୀବନର ଅନେକ ଖୁସିକୁ ସେ ତା ଗୋଡ ତଳେ ଡାଳିଦେଲା। ବିନିତା ଜାଣେ ତା ହୃଦୟ଼୍ ପ୍ରେମର ଗନ୍ତାଘର। ହେଲେ

ଭୁଲ କରିଚି ଏତେ ବଡ ଘରେ ଜନ୍ମ ନେଇ। ଯେଉଁ ଘରେ ପ୍ରେମର କୌଣସି ସ୍ଥାନ ନାହିଁ। କେବଳ ଆଭିଜାତ୍ୟ ଏବଂ ବଡଲୋକର ମୁଖା ପିନ୍ଧା କେତେକ ବ୍ୟକ୍ତି ସେଥାରେ ବାସ କରନ୍ତି। ଏଘରେ ଜନ୍ମ ନେବା ଅଭିଶାପ ନୁହେଁ ତ ଆଉ କଣ? ଏଠି ସେ ନିର୍ବୋଧ ପାଲଟି ଯାଇଛି। ଏ ପରିବାରର ବଡ ବଡ କଥାକୁ ସେ ବୁଝି ପାରୁନି। ଏପରି କେହି ଜଣେ ବ୍ୟକ୍ତି ନାହଁ ଯାହା

ସହିତ ସେ ହୃଦୟର ବ୍ୟଥା ବେଦନା ବାଣ୍ଟି ପାରିବ। ନା' ତାକୁ ଏପରି କେହି ଦୃଷ୍ଟିଗୋଚର ହୁଅନ୍ତି ନାହିଁ। ତେଣୁ ଆଜି ଖାଲି ଅଶ୍ରୁ ବର୍ଷା କରିବା ଛଡା ତା ପାଖରେ ଅନ୍ୟ କୌଣସି ପନ୍ଥା ନାହିଁ।

ବିନିତା ଭାବି ବସିଲା। ଯେଉଁଦିନ ଏ ମନମୋହନ, ମନଚୋର ସୁବୋଧ ସହ ଦେଖା ହୋଇଥିଲା। ବିନିତା ନୂଆଁ ନୂଆଁ କଲେଜରେ ପାଦ ଦେଇଥିଲା। ଯେପରି ନୂତନ ବାତାବରଣ ସେପରି ବିଭିନ୍ନ ରକମର ଛାତ୍ର ଛାତ୍ରୀ। ବିଭିନ୍ନ ରୁଚିର ବେଶ ପୋଷାକ। ପ୍ରତ୍ୟେକଙ୍କ ନିଜସ୍ୱ ଷ୍ଟାଇଲ୍। ବିନିତା ନବନିତା କଳିକା ହେଲେ ବି ଭାରି ଭାବବିହ୍ୱଳ ଝିଅଟିଏ। ଏପରି କଲେଜର ପରିସରକୁ ପରିବେଶକୁ ଦେଖିବାପରେ ମନେ ମନେ କବିତା ରଚନା କରି ପକାଇଲାଣି। ମନରେ ଡର ଥିଲେ କଣ ହେଲା, ତାକୁ ଦେଖି କେହି କହିପାରିବେନି ଯେ ଝିଅଟି ଡରକୁଳୀ। ଭାରି ଗର୍ବରେ ନିଜ ବିଭାଗ ଆଡକୁ ବଢ଼ିଚାଲିଛି। କେହି ତାର ସାଙ୍ଗ ନାହିଁ। କେହି ତାର ନିଜର ନାହିଁ ସେଠି। ଭ୍ରୁକ୍ଷେପ ନକରି ଚାଲିଛି। ଏ ତ ଅତି ସାଧାରଣ କଥା- ଏମିତି ଝିଅଟିଏ ଗଲେ ତାକୁ ଅସାଧୁ ଛାତ୍ରଙ୍କ ବେହିଆ କଥାର ଶରବ୍ୟ ହେବାକୁ କଣ ପଡିନଥାନ୍ତା? କେହି ଜଣେ ନିକଟ ଦୂରରୁ ଦାନ୍ତ ଚିପି ଚିପି କହି ପକାଉଛି- 'ମୁଣ୍ଡଟା ତଳକୁ ପୋତି ଚାଲିଲେ ହୁଅନ୍ତା ନି?' ବିନିତାର ସରଳ ମନ ପଛରେ ଲୁଚି ଥାଏ ଅହଂକାରୀ ବଦରାଗୀ ଆଉ ଏକ ମନ। ହୁଏତ ରାଗଟା ନାକ ଆଗକୁ ଆସିଗଲା। ମୁହଁ ତମ ତମ କରି ପଛକୁ ଚାହିଁ ପୁଣି ନିଜ ରାସ୍ତାରେ ଚାଲିଗଲା। ନବାଗତା ହୋଇ ନଥିଲେ ନିଶ୍ଚୟ କିଛି କରି ପକାଇଥାନ୍ତା।

ଏ ତ ଥିଲା ଶ୍ରେଣୀ ବାହାରର ଏବଂ କଲେଜ ପରିସରର ଛୋଟବଡ କଥା। ତେଣେ ଶ୍ରେଣୀ ଭିତରେ ଦୁଇଟି ଜାଦୁକାରୀ ଆଖି ତାକୁ ଚାହିଁ ବସିଛି। ଏ କଥା ତା ସରଳ ମନରେ ଏତେ ଶୀଘ୍ର  ପଶିପାରୁନି। ଏମିତି ଏମିତି ଅନେକ ଦିନ ବିତି ଗଲାଣି। ଏଭିତରେ ବିନିତାର ଆଖି ପଡେ ଶାନ୍ତ, ସରଳ, ନୀରବଭାବେ ଅଧ୍ୟୟନରତ ସେ ଛାତ୍ର ବନ୍ଧୁ ଉପରେ। ଚିହ୍ନା ଚିହ୍ନା ମନେ ହେଉଛି। ସତେ ଯେମିତି ଅତି ନିକଟରେ କେଉଁଠି ଦେଖିଛି ସେ ଏ ପିଲାକୁ।

ପଚାରି ପାରେନି। ସେ ବି ତ କେବେ ମୁହଁଟେକି ବିନିତାକୁ ଦେଖିବାର ଦୁଃସାହସ କରିନି। କଲେଜରେ ଶହ ଶହ ସୁନ୍ଦରୀ ମାନଙ୍କ ମଧ୍ୟରେ ଏ ସାମାନ୍ୟ ଝିଅଟିକୁ ଆଖି ପକାଇବାର ଆନନ୍ଦ କେତେଜଣ ଅଭାଗାଙ୍କ ଭାଗ୍ୟରେ ଥାଏ। ତେବେ ବିନିତା କିନ୍ତୁ ଏକ ନୀରବ ପ୍ରେମିକା ବନିଯାଇଛି। ଦୂରରୁ ତାର ହାବଭାବକୁ ଲକ୍ଷ୍ୟ କରିବା ଏବଂ ତା'ଢଙ୍ଗଢାଙ୍ଗକୁ ନକଲ କରିବାରେ ଅନେକ ଆନନ୍ଦ ପାଇଥାଏ ବିନିତା।

ସେଇ ପିଲାଟି ବିନିତା ସହ ପରିଚିତ ହେଲା କିନ୍ତୁ ସର୍ବସାଧାରଣରେ ହୃଦୟକୁ ଖୋଲିବାର ସତ୍‌ସାହସ ଟିକକ ହରାଇ ବସିଛି ବିନିତା। କାରଣ ସେ ଆତ୍ମଗର୍ବୀ। ନିଜକୁ ଦୁର୍ବଳ କରି ପକାଇବାକୁ ସେ କେବେ ଆଗେଇବନି। ପରିଚୟ ପରେ କେବେ କେମିତି ସେ ଦୁଇପଦ କଥା, ସେ କଥାରେ ନଥାଏ କିଛି ରହସ୍ୟ, ନ ଥାଏ ଆନ୍ତରିକତା। ବିନିତାର ମନ ଆକାଶରେ କିନ୍ତୁ ସୂର୍ଯ୍ୟୋଦୟ ହୁଅନ୍ତି ସୁବୋଧ ପାଇଁ, ଅସ୍ତ ଯା'ନ୍ତି ସୁବୋଧ ପାଇଁ,




ତେବେ ସୁବୋଧର ନିଷ୍କାପ ସରଳ ହୃଦୟଟି ଏହି ଅଛିଣ୍ଡା ସୂତ୍ର କଥା ଜାଣିବ ବା କିପରି? ବିନିତାର ହାବଭାବରୁ ମଧ୍ୟ ଲକ୍ଷ୍ୟ କରି ହୁଏନି ଯେ ସେ ତା ହୃଦୟମନ୍ଦିରରେ କେହି ଜଣେ ପୂଜା ପାଇଲେଣି। ଶ୍ରେଣୀକୁ ପ୍ରବେଶ କରିବା ମାତ୍ରେ ଘଣ୍ଟି ଆରତୀ ବାଜିଉଠେ ତା ହୃଦୟ ମନ୍ଦିରରେ। ଏପରି ଦିନ ବିତିବାରେ ଲାଗିଲା।

ହଠାତ ଦିନେ ସୁବୋଧଙ୍କ ମୁଖରୁ ଖସିଗଲା- 'ବିନି ମୁଁ ତୁମକୁ ଭଲପାଏ।' ମନେ ମନେ ଆଶ୍ଚର୍ଯ୍ୟ ମିଶ୍ରିତ ଖୁସିଟିଏ ହେଲା ବିନିତା ସୁବୋଧଙ୍କ ଏ କଥା ପଦକ ଶୁଣି। ଉପରେ ଛୋଟ ହସଟିଏ ଛାଡିଦେଇ ଚାଲିଆସିଲା ତାଙ୍କ ପାଖରୁ। ସବୁ ବନ୍ଧୁ ବାନ୍ଧବୀଙ୍କ ସାମନାରେ ଏପରି

କଥାଟିଏ ଯେ କେତେ ଲଜ୍ଜାବୋଧକ। ବିନିତା ହୁଏତ ସେତେବେଳେ ଅନୁମାନ କରୁଥିଲା। ହେଲେ କାନ ପାଖରେ ସେ ପଦକ ବାରମ୍ବାର ବାଜୁଥିଲା।  ବିନିତା ଭାବିଲା ଏ କଣ ଶୁଣୁଛି? କାହିଁକି ସୁବୋଧ ଏପରି କହିଲେ ତାକୁ? ଯଦିଓ ସାଙ୍ଗ ମାନଙ୍କ ଗହଣରେ ଥଟ୍ଟା ପରିହାସ ମଧ୍ୟରେ ସେ ଅତି ସାଧାରଣ ଭାବରେ କହି ପକାଇଥିଲେ। କିନ୍ତୁ ଏମିତି କଥା କଣ ଥଟ୍ଟା ପରିହାସ ବୁଝେ? ମୁହଁରୁ ଖସିବା ମାତ୍ରେ ହୃଦୟ ଭିତରେ ପ୍ରବେଶ କରିଯାଏ। ବିନିର ଛଳନାପୂର୍ଣ୍ଣ ହସ ସୁବୋଧକୁ ଭଲ ଲାଗିଲା ଏଣୁ ସେ ବାରମ୍ବାର ଏ କଥା ତାକୁ କହିବାକୁ ଲାଗିଲେ। ବିନିତା କିଛି କୁହେନି, ହୁଏତ ମନରେ ଖୁସି ଅନୁଭବ କରୁଥାଏ।

ଏମିତି ଦିନେ ବିନିତା ଅନୁଭବ କରିପାରିଲା ସୁବୋଧଙ୍କ ଏପରି କଥାରେ ଆଜି କିଛି ଆନ୍ତରିକତା ଥିଲା ପରି ଲାଗୁଛି। ଆଗ ଦିନମାନଙ୍କ ପରି ସେ ହସି ପାରିଲା ନାହିଁ। ଭାବନାର ଅତଳ ସାଗରରେ ବୁଡିଗଲା। ସୁବୋଧ କଣ ତାର ଆପଣାର ହେଇଗଲେ। ସେ କଣ ସତରେ ତାଙ୍କୁ ଭଲ ପାଆନ୍ତି। ଯଦି ଏକଥା ସତ ହୁଏ ତେବେ ସେ ମସ୍ତବଡ ଭୁଲ କରିବାକୁ ଯାଉଛି। ନା' ନା' ତାଙ୍କଠାରୁ ଦୂରେଇ ରହିବା ବାଞ୍ଛନୀୟ। ମନର ମଣିଷ ମନରେ ଥିଲେ ହିଁ ଭଲରେ ଥାଏ। ତେଣୁ ବିନିତା ଜଣାଇ ଦେଲା, ଯଦି ହୃଦୟ ଭିତରୁ ଏ ଶବ୍ଦ ବାହାରୁଛି ତେବେ ଉଭୟଙ୍କ ପାଇଁ ବିପଦର ସଂକେତ। ଏପରି ହେବା ଆଦୌ ଉଚିତ ନୁହେଁ। କିନ୍ତୁ ସୁବୋଧ 'ନଛୋଡବନ୍ଧା'। ଏ ଜୀବନର ପ୍ରଥମ ପ୍ରେମିକା ବିନିତା। ତେଣୁ ତାକୁ ହାତଛଡା କରିବାକୁ ଆଦୌ ଚାହାନ୍ତିନି ସେ। କିନ୍ତୁ ସେ ବିନିତାର ସରଳ ମନର ଦ୍ୱନ୍ଦକୁ ପରିଲକ୍ଷ୍ୟ କରି କହିଲେ -"ତୁମେ ମୋତେ ଭଲ ନ ପାଇପାର। ହେଲେ ମୋତେ କାହିଁକି ପ୍ରେମ କରିବାର ସୁଯୋଗରୁ ବଞ୍ଚିତ କରୁଛ?" ବିନିତା ନିର୍ବିକାରରେ ସ୍ୱୀକାର କରିବାକୁ ବାଧ୍ୟ ହୋଇଗଲା। ବିନିତା ସୁବୋଧଙ୍କ ପ୍ରେମରେ ହଜିଗଲା।

ସୁବୋଧଙ୍କ ନାଁ ଟି ଯେମିତି ରୂପ, ଗୁଣ, ବ୍ୟବହାର ସବୁ ସେମିତି। ବିନିତା ଆଜି ସ୍ୱପ୍ନ ବିଭୋର ହୋଇପଡୁଛି। ବିଶ୍ୱାସ କରିପାରୁନି ତାର ମନକୁ ଚୋରାଇଥିବା ବ୍ୟକ୍ତି ନିଜେ ସୁବୋଧ

ପ୍ରଥମ ସଂସ୍କରଣ
ଚତୁର୍ଥ ବର୍ଷ
ରଜ ବିଶେଷାଙ୍କ,
୨୦୧୦



ଆଜି ତାର ଏତେ ପାଖରେ। ଯାହାକୁ ସେ ଦିନରେ ବି ସ୍ୱପ୍ନ ଦେଖେ- ରାତି ତାର ସରେନି। ବର୍ତ୍ତମାନ ତାର ସାରାଦିନ ସୁବୋଧ ସହ କଟେ। କିନ୍ତୁ ଅନେକ କଥା ଅକୁହା ରହିଯାଏ। ଦିନରେ ଥରେ ଦେଖିବାରେ ଥାଏ ଅଫୁରନ୍ତ ଆନନ୍ଦ। ଆଖିରେ ପଡିଲେ ଓଠ କଥା କହିବା ଭୁଲିଯାଏ। ସୁବୋଧ ଭଲ ପାଇବାର ରୂପ, ଶୈଳୀ କଣ କିଛି ଜାଣନ୍ତି ନି କେବଳ ଜୀବନ ଦେଇ ଭଲ ପାଆନ୍ତି। ଖାଇବା ପିଇବା ଭୁଲି ଯାଆନ୍ତି। ଅନେକ ଅସୁବିଧାର ସମ୍ମୁଖୀନ ହୁଅନ୍ତି ବିନିତାକୁ ଖୁସିଟିକେ ହସଟିକେ ଦେବାଲାଗି କିନ୍ତୁ କେବେ କଷ୍ଟ ସ୍ୱୀକାର କରନ୍ତି ନାହିଁ। ତାଙ୍କର ଏପରି ଅନାବିଳ ସ୍ନେହ, ପ୍ରେମ

ବିନିତା ହୃଦୟରେ ଏକ ସ୍ୱତନ୍ତ୍ର ଆସନ ସୃଷ୍ଟି କରିଛି। ଦୁହେଁ ଦୁହିଁକ ସାନ୍ନିଧ୍ୟ ପାଇଁ ବ୍ୟାକୁଳ ହୁଅନ୍ତି। କିନ୍ତୁ ଅନେକ ପ୍ରତିବନ୍ଧକ ଦୁହିଁକ ପାଇଁ ସବୁ କ୍ଷଣିକ ବୁଦ ବୁଦ ପରି ମିଳେଇଯାଏ ସବୁ ସ୍ୱପ୍ନ।

ବିନିତା ବଡ ଘରର ଅଲିଅଳୀ କନ୍ୟାରତ୍ନ। ପରିବାରବର୍ଗ ତାର ବିବାହ ପାଇଁ ଚିନ୍ତିତ ହେବା ସ୍ୱାଭାବିକ। କିନ୍ତୁ ଚିନ୍ତାର କାରଣ କିଛି ନାହିଁ। ଏକକୁ ଆରେକ ଭଳି ପ୍ରସ୍ତାବମାନ ଆସି ବ୍ୟସ୍ତ କରି ପକାଉଛନ୍ତି ବିନିତାର ପିତାଙ୍କୁ। ସେ ବାପାଙ୍କର ଗେଲି ଝିଅ ବୋଲି ପ୍ରେମବିଷକୁ ପାନ କରିପାରୁନି କି ଆପଣେଇ ପାରୁନି।

ସୁବୋଧ ସାଧାରଣ ନୁହନ୍ତି। ସେ ବିନିତାର ଆଭିଜାତ୍ୟ ପରିବାରସହ ନିଜକୁ ସାମିଲ କରିବାକୁ ଚାହାନ୍ତି ନାହିଁ। ଏଣୁ ସେ ବ୍ୟର୍ଥ ପ୍ରେମିକ ପରି ଅନୁମତି ଦିଅନ୍ତି ବିନିତାର ବିବାହ ପାଇଁ ଏବଂ ତା'ଠୁ ବିଦାୟ ପାଇଁ। ବିନିତାର ବାପାଙ୍କର ସ୍ନେହାର୍ଶୀବାଦ ଟିକକ ପାଇଁ ତ୍ୟାଗ କରିଛି ସ୍ୱର୍ଗୀୟ ପ୍ରେମକୁ। ତ୍ୟାଗ କରିଛି ତ ହୃଦୟ ଦେବତାଙ୍କୁ, ମନର ମଣିଷ ସୁବୋଧଙ୍କୁ। ପରସ୍ପରକୁ ବିଦାୟ ଦେବା ଆଗରୁ ସେ ସୁବୋଧଙ୍କଠୁ କିଛି ଉପହାର ଚାହିଁଛି, ଯାହାକି ତା' ଜୀବନର ହେବ ପ୍ରଥମ ଓ ଶେଷ ଉପହାର। ସୁବୋଧ ସର୍ତ୍ତମାନି ନିଅନ୍ତି। ଦିନେ ଯିଏ ତାଙ୍କ ହୃଦୟ ରାଣୀ ଥିଲା ଆଜି ବି ଅଛି। ସେ ଯଦି କିଛି ଚାହିଁବ ସୁବୋଧ ନିଶ୍ଚୟ ଦେବେ। ଯଦି

ଜୀବନ ବି ମାଗେ ଦେବାରେ କୌଣସି କୁଣ୍ଠା ନାହିଁ।

ଦୁହେଁ ବିଚ୍ଛେଦ ଯନ୍ତ୍ରଣାରେ ଛଟପଟ। ଦିନେ ନ ଦେଖିଲେ ଦିନ କଟୁନଥିଲା, ଆଜି ପରସ୍ପରକୁ ଭେଟିବା ସ୍ୱପ୍ନ ପ୍ରାୟ।

କିଛି ମାସ ଅନ୍ତର ପରେ ହଠାତ୍ ଦୁହେଁ ଭେଟିଛନ୍ତି ଏକ ବିବାହ ଭୋଜିରେ। ଭାବବିହ୍ୱଳ ହୋଇପଡୁଛନ୍ତି ଦୁହେଁ। ସୁବୋଧ ସବୁଦିନପରି ମୁଣ୍ଡ ତଳକୁ କରି ଠିଆହୋଇଛନ୍ତି। ତାଙ୍କର ଏମିତି ଭାବ ବିନିତାକୁ ଭଲ ଲାଗେ। ସେ ଯଦି କାରଣ ପଚାରେ ସେ କହନ୍ତି - ତୁମେ ଏତେ ସୁନ୍ଦର। ତୁମକୁ ହଠାତ୍ ଦେଖିଲେ ମୁଁ ନିଜକୁ ଆୟତ୍ତ କରି ପାରେନି। ବିନି ସଲଜ୍ଜ କହେ- "ଉଁ, ତୁମେ ଯେମିତି କୁହ ନା।" ଦୁହିଁଙ୍କ ମଧ୍ୟରେ ଅନେକ ପ୍ରେମ, ଅମର ପ୍ରେମ , କେହି କାହାରିକୁ ଆପଣେଇବାର ସାହସ ନାହିଁ। ଆଜିର ସାକ୍ଷାତଟା ଦୁହିଁକ ମନକୁ ଆକାଶ ମାର୍ଗରେ ଭସାବାଦଲ ପରି ଭସାଇ ନେଇଛି। ସୁବୋଧ ନିଜକୁ ଭୁଲିଯାଉଛନ୍ତି ବିନିର ପ୍ରେମରେ। ଭାବବିହ୍ୱଳର ଶେଷ ଧୈର୍ଯ୍ୟଟିକକ ହରାଇ ବିନିତାର ଗୋଲାପି ଓଠରେ ସ୍ପର୍ଶ କଲେ ଆପଣା ଓଠ। ନିବିଡ ଚୁମ୍ବନଟିଏ ଟାଣି ଦେଉ ଦେଉ ବିନିତା ପ୍ରକୃତିସ୍ଥ ହୋଇ ପଡିଛି ଏବଂ ସୁବୋଧଙ୍କ ଶକ୍ତ ବାହୁବନ୍ଧନରୁ ନିଜକୁ ମୁକ୍ତ କରି ହଠାତ କହିଦେଲା - "ଅଭଦ୍ର। ଏ କଣ କରୁଛ?"

ସୁବୋଧ କାନପାଖରେ କହିଲେ - "ଏ ତୁମପାଇଁ ପ୍ରୀତି ଉପହାର। ନିଶା ଗର୍ଜୁଥିବା ନିଶିଥର"। ସୁବୋଧ ବିନିତାକୁ ମୁକ୍ତ କରିବାକୁ ଆଦୌ ଚାହୁଁନଥିଲେ। କିନ୍ତୁ ବିନିତାର ବାପାଙ୍କ ଡାକରେ ଦୁହେଁ ଅଜଣା ଆତଙ୍କରେ କିଛି ସମୟ ନୀରବ ରହିଗଲେ। ହେଲେ ବିନିକୁ ନିର୍ଦ୍ଦୋଷ କରିବା ପାଇଁ ସଙ୍ଗେ ସଙ୍ଗେ ସୁବୋଧ ପାଠପଢା ବିଷୟକୁ ଆସିଗଲେ। ତଥାପି ବିନିର ଭାଗ୍ୟଚକ୍ର ଏତିକିରେ ଘୁରିବା ବନ୍ଦ ହେଲା। ପିତାଙ୍କ ଏପରି ରାଗ ସେ ପିଲାବେଳୁ କେବେ ଦେଖିନଥିଲା। ଆଜି ଏ ସବୁ ଦେଖି ସୁବୋଧଙ୍କ ପ୍ରେମର ସେ ଉଷ୍ମତାକୁ ଭୁଲିଗଲା। ଚୁମ୍ବନର ଉପରେ ଥରୁଥିବା ଓଷ୍ଠାଧାର ତାର କୋହରେ ଥରିବାକୁ ଲାଗିଲା। ପ୍ରେମରେ ଜର୍ଜରିତ ମୁଖପଦ୍ମ ତାର ଭୟରେ କଅଁପିବାକୁ ଲାଗିଲା। ସୁବୋଧଙ୍କ ବାହୁ ବନ୍ଧନର ଉପରେ ଯେଉଁ କଂପନ ସୃଷ୍ଟି ହୋଇଥିଲା।

ତା ଶରୀରରେ ପିତାଙ୍କ କୋପାନଳରେ ଭସ୍ମ ହୋଇ ଗୋଡ ଦୁଇଟା ଜଡବଡ ହୋଇଗଲା। ସୁବୋଧଙ୍କ ଠାରୁ ଦୂରେଇଯିବାର ଅର୍ଥ ଅନେକ ଆଶଂକାର ସମ୍ମୁଖୀନ ହେବା ଏଂ ସବୁଦିନପାଇଁ ସୁବୋଧଙ୍କୁ ହରାଇବସିବା। ତେବେ ସେ କରିବ ବା କଣ? କଳିକାଟିଏ ବୃନ୍ତଚ୍ୟୁତ ହେଲେ ଯାହା ହୁଏ। ତେଣୁ ଅପରାଧୀ ଶିଶୁଟିଏ ପରି ପିତାଙ୍କ ପଛେ ପଛେ ଚାଲିଲା।

ଘରକୁ ଆସିବାପରେ ଅନେକ ଅଘଟଣ ଘଟିଗଲା ତା'ସହ। ଯାହା ସେ କେବେ ଆଶା କରିନଥିଲା। ବାପାଙ୍କ ଅମାପ ସ୍ନେହ ଓ ପ୍ରେମରୁ ବଞ୍ଚିତ ହେଲା ବିନିତା। ଏଣେ ସୁବୋଧଙ୍କୁ ବି ହରାଇଲା।ଦୋ'ନା ବୁଡିଆ ରୀତିରେ ପଡିସବୁ କିଛି ହରାଇବାପରେ ଆଜି କେବଳ ସ୍ମୃତି ଚାରଣ କରିବା ବାକି ଅଛି। ନୀରବରେ ଅଶ୍ରୁ ଦୁଇଟୋପା ଢାଳି ଆଜି ଭାବୁଛି କାହିଁଗଲେ ତାର ସୁବୋଧ? ତାଙ୍କ ଉପହାର ଯେତିକି ଅମୂଲ୍ୟ ସେତିକି ଅଲୋଡା ହୋଇପଡିଛି ତା'ପାଇଁ। ଅମୂଲ୍ୟ ଏଥିପାଇଁ କାରଣ ଏପରି ଉପହାରଟିଏ କେତେଜଣ ପ୍ରେମିକା ପାଇଥିବେ ନିଜ ପ୍ରେମିକ ଠାରୁ, ପୁଣି ଅଲୋଡା ଏଥିପାଇଁ କାରଣ ଏହି ନିଶିଥ ଉପହାରଟି ହିଁ ତା'ଠାରୁ ତା ସୁବୋଧଙ୍କୁ ଛଡାଇ ନେଲା, ନିଶିଥ ଉପହାର ହଜିଗଲା। ଲୁଚିଗଲା ସେଇ ନିଶା ଗର୍ଜିଥିବା ଅନ୍ଧକାର ରାତ୍ରୀର ଅନ୍ଧକାର ମଧ୍ୟରେ । ବିନିତାର ଅଶ୍ରୁତର୍ପଣ ଉପହାରଟିକୁ ବଞ୍ଚାଇ ରଖିଛି ଆଜୀବନ।

ନମିତା ଦାଶ (ନିତୁ)
ମାର୍ଫତ : - ଶ୍ରୀ ରାମଚନ୍ଦ୍ର ମିଶ୍ର
ଗଜପତି ନଗର-ଷଷ୍ଠ ଲାଇନ
ବ୍ରହ୍ମପୁର- ୧୦

ପ୍ରଥମ ସଂସ୍କରଣ
ଚତୁର୍ଥ ବର୍ଷ
ରଜ ବିଶେଷାଙ୍କ,
୨୦୧୦



# ଚିଠି

ଶରତ କୁମାର ଦାସ

ଏବେ ବି ବାପା ଚିଠି ଦିଅନ୍ତି। ସେ ଚିଠିରେ ଥାଏ ଏକ ଆଭିଜାତ୍ୟ ଭରା ସ୍ୱାଭିମାନ। ସ୍ୱତନ୍ତ୍ର ପ୍ରକାରର ସ୍ୱାଦ ଓ ମହକ। ସାଧାରଣତଃ ସେ ନୀଳ ଲଫାଫାରେ ଚିଠି ପଠାଇଥାନ୍ତି, ମାସକୁ ଅନ୍ତତଃ ଦୁଇଥର।

ମୁଁ ବହୁବାର କହିଲିଣି, ଘରେ ତ ଫୋନ ଅଛି, ତା'ଛଡା ତମର ମୋବାଇଲ ମଧ୍ୟ। ଫୋନରେ କାହିଁକି କଥା ହଉନ? ଅଯଥାରେ ଚିଠି ଲେଖୁଛ ମାତ୍ର ସେ ମୋ କଥା ଜମା ମାନନ୍ତି ନାହିଁ। ସତେ ଯେମିତି ଚିଠି ଲେଖିବାଟା ତାଙ୍କର ଏକ ଜନ୍ମଗତ ଅଧିକାର ବା ଏକ ସୌଖୀନ ଅଭ୍ୟାସ।

ମୁଁ ସହରରେ ରହୁଥିବାରୁ ବାପାଙ୍କ ଚିଠି ପହଞ୍ଚିଲେ ଖୁବ୍ ବିଭୋର ହୋଇପଡେ। ତତ୍କ୍ଷଣାତ୍ ଆମ ଡ୍ରଇଁ ରୁମରେ ଏକ ଆସର ଜମେ। ପୁଅ, ଝିଅ ଓ ସ୍ତ୍ରୀ ସମସ୍ତେ ମତେ ଘେରି ଯାଆନ୍ତି। ମୁଁ ଧ୍ୟାନସ୍ଥ ମୁଦ୍ରାରେ ଚିଠିଟି ପଅଢିବାକୁ ଲାଗେ। ନିରବତାର ସହ ସମସ୍ତେ ଶୁଣୁଥାଆନ୍ତି। ବେଳେ ବେଳେ ଚିଠି ପଢିବା ସମୟରେ ମୁଁ ଖୁବ୍ ଭାବବିହ୍ୱଳ ହୋଇପଡେ। ମୋ ଅଜାଣତରେ ଆଖିରୁ ଧାର ଧାର ଲୁହ ଖସି ପଡେ। ପୁଅଟା ମୋର ଟିକେ ନଖରା। ସାଙ୍ଗେ ସାଙ୍ଗେ ଜେଜେଙ୍କୁ ଫୋନ କରି ଚିଠି ସମ୍ବନ୍ଧରେ କହିପକାଏ ଓ ଚିଠିଟି ପଢିବା ସମୟରେ ମୋ ଆଖିକୁ କେମିତି ଲୁହ ଜକେଇ ଆସିଥାଏ ତାହା ମଧ୍ୟ କହିବାକୁ ଭୁଲିନଥାଏ।

ବାପା ଚିଠିଟିକୁ ଖୁବ୍ ଯତ୍ନର ସହ ସୁନ୍ଦର ଅକ୍ଷରରେ ଲେଖିଥାଆନ୍ତି। କେଉଁଠି ସାମାନ୍ୟ ଜାଗା ବି ଛାଡି ନଥାନ୍ତି। ବିଶେଷତଃ ଚିଠିରେ ଥାଏ ଆମ ପାଇଁ ଆକର୍ଷଣୀୟ ବର୍ଣ୍ଣନା। ତା'ଛଡା ପାରିବାରିକ ସମସ୍ୟା କଥା।

ଥରେ ବାପାଙ୍କ ପାଖରି ଚିଠିଟିଏ ଆସିବାର ଥାଏ, ସେଥିରେ ଲେଖାଥାଏ ଏବର୍ଷ ଯେଉଁ କାଳୀ ଗାଇଟା କିଣାଯାଇଥିଲା ସେ ଏଇ ମାସେ ହେବ କଅଁଳେଇଛି। ଦିନକୁ ଏକ ଲିଟର କ୍ଷୀର ଦେଉଛି। ତୋ ବୋଉ କ୍ଷୀର ଦୁହିଁଲା ବେଳେ ତୋ କଥା ମନେ ପକାଇ କାନିରେ ଲୁହ ପୋଛୁଛି। ତୁ ପିଲାଦିନେ କାଳୀଗାଇର ମିଠା କ୍ଷୀର ପିଇବାକୁ ବେଶୀ ଭଲ ପାଉଥିଲୁ ତ ! ସେଥିପାଇଁ।

ଅନ୍ୟ ଏକ ଚିଠିରେ ଲେଖାଥାଏ, ତଳ କବି ସାହି ନବଘନ ମା'ତତେ ଭାରୀ ଖୋଜୁଥିଲା। କହୁଥିଲା ପୁଅଟାକୁ ଅନେକ ଦିନ ହେଲା ଦେଖିନାହିଁ। ତା'ପୁଅ ଝିଅ କେତେବଡ ହେଇଯିବେଣି। ପାକଲା ବେଲା କେତେବେଳେ ମରି ହଜିଯିବ।

ଗାଁର ଝଗଡା ଝାଟି, ନ୍ୟାୟ୍ ନିଶାପ, ଜମିବାଡି, ଛନ୍ଦାମନ୍ଦା, ବିବାହବ୍ରତ, ହୋରିସେଇତା ସବୁ କଥା ସେ ଖୁବ୍ ଚମତ୍କାର୍ ଭାବେ ବର୍ଣ୍ଣନା କରିଥାଆନ୍ତି। ଯାହା ପଡି ମୁଁ ସହରରେ ଥାଇ ମଧ୍ୟ ଗାଁର ଚାରୂ ଚିତ୍ରପଟ ଖୁବ ସହଜରେ ଠଉରେଇନିଏ। କିନ୍ତୁ ଯେଉଁଦିନ ସେ ଲେଖିଥିଲେ ଏବର୍ଷ ଅଷ୍ଟପ୍ରହରୀକୁ ମତେ ଛବି ବହୁତ ଖୋଜୁଥିଲା, ସେଦିନ ଚିଠିଟି ପଡି ଖୁବ ଗମ୍ଭୀର ହୋଇପଡିଥିଲେ। ଅନେକ ବେଳଯାଏଁ ଭାବିଥିଲି, ଏତେଦିନ ବ୍ୟବଧାନ ପରେ ବି ସତରେ କଣ ଛବି ମତେ ଏଯାଏଁ ମନେ ରଖିଛି?

ତେବେ ବାପାଙ୍କ ପ୍ରେରିତ ସମସ୍ତ ଲଫାଫାକୁ ଖୁବ୍ ଯତ୍ନର ସହିତ ମୁଁ ଆଲମିରାରେ ସାଇତି ରଖେ। ବେଳେ ବେଳେ ସେ ଚିଠିରୁ ଉଭୁରି ଆସୁଥିବା ମହକକୁ ମୁଁ ଆଘ୍ରାଣ କରେ। ଚିଠି ପାଇବା ପରେ ପରେ ଫୋନକରି ଚିଠିର ଉତ୍ତର ମୁଁ ବାପାଙ୍କୁ ଜଣାଇଦିଏ। କିନ୍ତୁ ଖଣ୍ଡେ ଚିଠି ପଠାଇ ପାରେନା। ଅନେକବାର ଶ୍ରୀମତି କହିଲେଣି ବାପାଙ୍କ ପାଖକୁ ଫୋନ କରୁଛ, ଖଣ୍ଡେ ଚିଠି ଦଉନା, ଖୁବ୍ ଖୁଶି ହୁଅନ୍ତେ। ମୁଁ ଶ୍ରୀମତିଙ୍କ କଥାକୁ ଏକାନରେ ପୁରେଇ ସେ କାନରେ ବାହାର କରିଦିଏ।

ଏହା ମଧ୍ୟରେ ବାପାଙ୍କର ବୟସ ଖୁବ ବଢିଗଲାଣି। ଦେହ ଜମାଭଲ ରହୁନି। ହାତ

ଥରୁଛି। ଦୃଶ୍ୟ କମି ଆସିଲାଣି। ଆଗପରି ଆଉ ଚିଠି ଲେଖୁନାହାନ୍ତି। ଏ ଅବସ୍ଥାରେ ତାଙ୍କୁ ନିଜ ପାଖରେ ରଖିବାପାଇଁ ନେଇ ଆସିଛି। ଏହା ମଧ୍ୟରେ ଝିଅ ବିଭା ହେଇଗଲାଣି। ପୁଅ ହାଇଦ୍ରାବାଦରେ ଇଞ୍ଜିନିୟର୍ ହେଲାଣି। ବାପା ଯେବେଠୁ ମୋ ଘରେ ଆସି ରହିଲେଣି ସେବେଠୁ ଚିଠି ଖଣ୍ଡେ ପାଇବା ସ୍ୱପ୍ନ ହେଲାଣି।

ଦିନେ ମୁଁ ଘରେଥାଏ ପୋଷ୍ଟମ୍ୟାନ ଆସି ଚିଠି ଖଣ୍ଡେ ଦେଇଗଲା। ଅନେକ ଦିନପରେ ଚିଠି ପାଇ ଖୁବ ଖୁଶି ହେଲି ଓ ସେଦିନ ବାପାଙ୍କ ଚିଠି ଖୁବ ମନେ ପଡିଲା। ଚିଠିଟି ଖୋଲି ପଡିଲି ପୁଅ ଶିବୁନ ଲେଖିଛି, ସୁଦୂର ହାଇଦ୍ରାବାଦରୁ। ବାବା ଆଜି ଜେଜେ କାହିଁକି ଖୁବ ମନେପଡିଲେ। ତାଙ୍କର ତୁମପାଖକୁ ବରାବର ଚିଠି ଦବା କଥା ଖୁବ ମନେ ପଡିଲା, ତେଣୁ ଭାବିଲି ଫୋନ ନକରି ତମ ପାଖକୁ ଚିଠି ଖଣ୍ଡେ ପଠେଇବି ବୋଲି। ଫୋନ ତ ସବୁବେଳେ କରୁଛି। ହେଲେ ଚିଠି ପଠେଇବାର ଖୁଶି ଫୋନଠୁ ନିଆରା। ତମ ମନ ନିଶ୍ଚୟ ଦୁଃଖ ଥିବା କାରଣ ଜେଜେଙ୍କଠାରୁ ଆଉ ଚିଠି ପାଇପାରୁନା ବୋଲି। ଏବେ ବରାବର ମୁଁ ତୁମପାଖକୁ ଚିଠି ପଠେଇବି। ଏଠିକାର ପରିସ୍ଥିତି ଓ ପରିବେଶ ସମ୍ବନ୍ଧରେ ଅବଗତ କରେଇବି। ଶେଷରେ ମୋର ବିଶେଷ ଅନୁରୋଧ, ଜେଜେଙ୍କର ସାଇତି ରଖିଥିବା ସମସ୍ତ ଚିଠିକୁ ମୋ ପାଖକୁ ଥରେ ପଠାଇବ। ଏ ବ୍ୟସ୍ତ ବହୁଳ ସହରର କର୍ମମୟ ଜୀବନରେ ତାଙ୍କର ହାତଲେଖା ପୁରୁଣା ଚିଠିଗୁଡିକ ଥରେ ପଡିବାକୁ ମୋର ଖୁବ୍ ଇଛା ହେଉଛି। ମୁଁ ଚିଠିଟି ପଡି ପତ୍ନୀଙ୍କୁ ବଢେଇଦେଲା ବେଳକୁ ମୋ ଆଖିରୁ ଥପ ଥପ ଲୁହ ଖସି ପଡୁଥିଲା।

ସରସ୍ୱତୀ ଭବନ
ଗେଟବଜାର
ବ୍ରହ୍ମପୁର- ୧

# ମୁଁ ମାଓବାଦୀ କହୁଛି

ସକାଳୁ ସକାଳୁ ଥାନା ବାରଣ୍ଡାରେ ମାଓବାଦୀ ଲେଖା ପୋଷ୍ଟର ଦେଖି କନେଷ୍ଟବଳ ସାହୁର ଦେହରୁ ବହେ ଝାଳ ବାହାରିଗଲା । ଏପାଖ ସେପାଖକୁ ଦେଖିଲା କେହି କେଉଁଠି ଦେଖାଯାଉ ନାହାନ୍ତି । ବଡି ଭୋରରୁ ଥାନା କବାଟ ଖୋଲି ପରିଶ୍ରା କରିବାପାଇଁ ବାହାରିଥିଲା ସେ, ଯେ ପୋଷ୍ଟର ଦେଖି ସେଇଟା ବନ୍ଦ ହୋଇଗଲା । ଭାବିଲା ଥାନା ବାବୁଙ୍କୁ କହିବ, ତେଣେ ଡର ଲାଗିଲା ବାବୁ କାଳେ ରାଗିବେ, କହିଲେ ରାତିରେ ଥାନାରେ ଥିଲ ଆଉ ଥାନା ଦୁଆରେ କିଏ ଗୋଟେ ପୋଷ୍ଟର ଲଗେଇଦେଲା ?

କଣ କରିବ କିଛି ବୁଦ୍ଧିବାଟ ଦିଶିଲା ନାହିଁ, ମନେ ମନେ ଭାବିଲା ଚିରି ପକାଇବି । ସେୟା ଠିକ ହେବ ଭାବି ଚିରିବା ପାଇଁ ଯାଉ ଯାଉ ତା ଆଖି ପଡିଗଲା, ଆଉ ଦୁଇ ଧାଡି ଉପରେ ଯେଉଁଥିରେ ଲେଖା ଥିଲା, ମୁଁ ଏଇଠି ଅଛି, ସବୁ ଦେଖୁଛି, ଯଦି ଏ ପୋଷ୍ଟରକୁ ଚିରିବ, ପୋଷ୍ଟର ପଛରେ ବମ୍ ଲାଗିଛି ଫୁଟିବ ଯେ ଟିକି ଟିକି ହେଇଯିବ । ତା ହାତ ପଛକୁ ଚାଲି ଆସିଲା । ଆଉ ପଢିବା ପାଇଁ ବଳ ଅଣ୍ଟିଲା ନାହିଁ, ଏକ ଯିବ ବୋଲି ଆସିଥିଲା ଦୁଇ ଲାଗିଲା । ତଥାପି ପେଟକୁ ଭିଡି ଧରି ସେ ଥାନାଭିତରେ ପୁଣି ପଶିଲା, କୋଉଠିକୁ ବା ଯାଆନ୍ତା, ସେ ପରା ଲେଖିଛି ମୁଁ ଏଇଠି ଅଛି, କାଳେ ଶୁଦ୍ଧ ହେବାପାଇଁ ଗଲାବେଳକୁ ଗଳା କାଟିଦେବ ବୋଇଲେ ?

ବେଞ୍ଚ ଉପରେ ଶୋଇଥିବା ପାତ୍ର ହାବିଲଦାରକୁ ଉଠେଇଲା, ସେ ଆଖି ମଳି ମଳି ନିଦର ଅଳସ ଭାଙ୍ଗିଲା ବେଳକୁ କହିଲା, 'ବେଳ ନାହିଁ, ଚାଲ ଜଲଦି ବାବୁଙ୍କ ପାଖକୁ, ଏବେ ଆମ ନମ୍ବର ଆଇଲା ।' ପାତ୍ର ନିଦୁଆ ମୁହଁରେ କହିଲା, 'କିରେ ରାତିର୍ ନିଶା ଛାଡିନି କି?' ସାହୁ ତା ହାତ ଧରି ଭିଡି ଆଣି ପୋଷ୍ଟର ସାମନାରେ ଠିଆ କରେଇ ଦେଲା । ପାତ୍ରର ପାଟି ଟା

ଶଗଡ ପୋଇପରି ଆଁ ହେଇ ରହିଗଲା। ଆଉ କି ନିଦ ଲାଗିବ। ଦି ଜଣ ମିଶି ଧାଇଁଲେ ବାବୁଙ୍କ ବସାକୁ। ବାବୁ ଭାରି ଆଦବକାଏଦା ବାଲା ଲୋକ। କଥା କଥାକେ ଶଳା ବାହିଆତ୍ କଥା କହନ୍ତି। ହେଲେ ଆଉ କିଛି ଉପାୟ ନଥିଲା। ବାବୁ କବାଟ ଖୋଲିଲେ, ମୁଣ୍ଡ ନୁଆଁଇ ପାତ୍ର ଆଉ ସାହୁ ଠିଆ ହେଇଥିଲେ, ବାବୁ ଆସିବା କାରଣ ପୁଛନ୍ତେ ଦିହେଁ ଥାନା କାନ୍ଥକୁ ଦେଖାଇଲେ। ଥାନା ବାବୁ ଆଖି ମଳି ମଳି ଦେଖିଲେ, ଥାନା କାନ୍ଥରେ ଲାଗିଥିବା ନାଲି ପତାକା। ଜୋତା ଛାଡି ଧାଇଁଲେ। ପୋଷ୍ଟର ପାଖରେ ଠିଆ ହେଇ ପଡିଲେ। ଲେଖା ହେଇଚି, 'ଥାନାବାଲା ନାଲି ଆଖି ଦେଖାଇ ଲୋକଙ୍କୁ ହଇରାଣ କରୁଛ, ସମସ୍ତଙ୍କୁ ପ୍ରଜା କୋର୍ଟରେ ଶାସ୍ତି ଦିଆଯିବ।' ଥାନାବାବୁଙ୍କ ଦେହରୁ ଝାଳ ବାହାରିଗଲା।

ସେଇ ରାତିପିନ୍ଧା ପୋଷାକ ପିନ୍ଧି ସେଇଠି ଚଉକି ପକାଇ ବସିଲେ। ସବୁ ହାବିଲଦାର, କନେଷ୍ଟବଳଙ୍କୁ ଡକାହେଲା। କଣ କରିବା ଚିନ୍ତା ପଡିଲା। ଆକାଶ ସଫା ହେଇ ସକାଳ ହେଲାଣି, ପିଲେ ସବୁ ଟ୍ୟୁସନ କରିବାପାଇଁ ବାହାରିଲେଣି। ଥାନା ଆଗ ରାସ୍ତାରେ ଚା'ଦୋକାନ ଖୋଲିଲାଣି। ଥାନାରେ ହଠାତ୍ ଚଳଚଞ୍ଚଳ ଦେଖି ସନତା ଚା'ଦୋକାନୀ କଡା ଚା' କପ୍‌ଟେ ଧରି ଧାଇଁ ଆସିଲା। ବାବୁଙ୍କୁ ଚିନ୍ତାରେ ଦେଖି ପଚାରିଦେଲା, 'ଆଜ୍ଞା ଆଜି ଏତେ ସକାଳୁ ସକାଳୁ ବୈଠକ କଲେ। ମନ୍ତ୍ରୀ ତନ୍ତ୍ରୀ କିଏ ଆଉସେନ୍ତି କି?' ବାବୁ କିଛି କହିବା

ପୂର୍ବରୁ ସାହୁ କହିଲା, 'ତୁ ଯା' ବାବୁ ମିଟିଂ କରୁଛନ୍ତି ପରା। ଏଣେ ମାଓବାଦୀ ଆସି ଧମକି ଦେଲେଣି, କହିଲା  ନା କଣ ମନ୍ତ୍ରୀ ଆଉସେନ୍ତି।'

'ଏଁ ମାଓବାଦୀ।' ସନତା ଚମକି ପଡିଲା। ବାବୁ ହଠାତ୍ ଠିଆହେଇ କହିଲେ, 'କାହାକୁ କହିବୁନି। ଭାରୀ ସଙ୍ଗୀନ ମାମଲା। ଥାନା କାନ୍ଥରେ ପୋଷ୍ଟର ମାରି ମାଓବାଦୀ ମାନେ ତୁମ ଗାଁକୁ ନିଶାନା କରିଲେଣି। ଦେଖୁନୁ ସେ ପୋଷ୍ଟର ପଛରେ କେମିତି ବୋମା ଖଞ୍ଜିଛନ୍ତି। ପୋଷ୍ଟର ଚିରିଲେ ବୋମା ଫୁଟିଲା।' ସନତା ଆଉ କିଛି ନ କହି, ଚୁପଚାପ ଚାଲିଗଲା। ତେଣେ ଛକ ଉପରେ ଚା ଖିଆଳିଙ୍କ ଭିଡ ଜମିଲାଣି। ଚା ଦେଉ ଦେଉ ସନତା ଗାଁର ଏକମାତ୍ର ସାମ୍ବାଦିକ

ପ୍ରଥମ ସଂସ୍କରଣ
ଚତୁର୍ଥ ବର୍ଷ
ରଜ ବିଶେଷାଙ୍କ,
୨୦୧୦



ଶତୁରା ପଧାନକୁ କହିଲା, 'ଭାଇନା ଶୁଣିଲଣି, ଥାନା ବାରଣ୍ଡାରେ କାଲେ ମାଓବାଦୀ ପୋଷ୍ଟର ନାଗିଚି। ଭିତରେ କୁଆଡେ ବୋମା ଟେ ଫିଟ୍ ହେଇଚି। ପୋଷ୍ଟର ଚିରିଲେ ବୋମା ଫୁଟିବ ଆଉ ଥାନାଟା ଉଡିଯିବ।'

ଅନେକ ଦିନ ହେଲା ଭଲ ଖବର ନାହିଁ ବୋଲି ସମ୍ବାଦ ଅଫିସରୁ ଗାଳିଖାଇଥିବା ଶତୁରା ଆଜି ଗଜେଇ ଗଲା, ମନେ ମନେ ଭାବିଲା ଏଇଟା ମଉକା, ଚା ଛାଡି ସିଧା ଥାନା ଆଡକୁ ମୁହାଁଇଲା। ସନତା ପଛରୁ କହୁଥିଲା 'ଭାଇନା ମୋ ନାଁ କହିବୁନି, ଶଳାଟା ମାରିଦେବ।'

ଥାନା ବାରଣ୍ଡାରେ ଚର୍ଚ୍ଚା ଚାଲିଥିବା ବେଳେ ଶତୁରା ପହଞ୍ଚିଯାଇ, ପକେଟରୁ କାଗଜ କଲମ ବାହାର କରି ପୋଷ୍ଟରରେ ଲେଖାହେଇଥିବା କଥା ସବୁ ଟିପି ଗଲା। ବାବୁ ମନାକଲାରୁ କହିଲା 'ଆମେ ହେଉଛୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ, ତୁମେ ଆମକୁ ଅଟକାଇ ପାରିବ ନାହିଁ।' ଥାନାବାବୁଙ୍କ ଦିନ ଯାଇଥିଲା ଆଜି ପୁରା ମଉଳିଯାଇ କହିଲେ, 'ଆପଣ ସତ କହୁଛନ୍ତି ପ୍ରଧାନ ବାବୁ। ହେଲେ କଣ କରିବା କହନ୍ତୁ। ଆପଣଙ୍କ ଭଳି ଏକ ଛୋଟ ଗାଁରେ ବି ମାଓବାଦୀ ପୋଷ୍ଟର ଲାଗିଗଲା। ଏବେ ଗାଁକୁ କେମିତି ସୁରକ୍ଷା ଦେବା ସେ କଥା ଚିନ୍ତାରେ ପଡିଛି।

ଥାନା ବାବୁଙ୍କ ସମ୍ବୋଧନରେ ବିଲେଇ ଭଳିଆ ଗୋଳେଇମାଳେଇ ହେଇ ଶତୁରା କହିଲା, 'ମୁଁ ଭାବୁଛି, ବୁଦ୍ଧିଜୀବି ମାନଙ୍କୁ ପଚାରି କିଛି ଉପାୟ କରାଯାଉ।' ଥାନାବାବୁ କହିଲେ, 'ଆପଣଙ୍କ ଭଳିଆ ବୁଦ୍ଧିଜୀବି ଥାଉ ଥାଉ ଆଉ କାହାକୁ କାହିଁକି ପଚାରିବା।' ଚା'ପିଉ ପିଉ ଶତୁରା କହିଲା, 'ଆଜ୍ଞା ମୁଁ ଭାବୁଛି, ଏସ୍‌ପିଙ୍କୁ କହିଦିଆଯାଉ।'

ଥାନାବାବୁ କହିଲେ, 'ସେଇଟା ଅସମ୍ଭବ। କହିଲେ ମୋ ଚାକିରୀ ଯିବ ସିନା। ଦେଖିନ ସେ ପୋଷ୍ଟରରେ କେମିତି ପୋଲିସ ବିରୋଧରେ ଲେଖା ହେଇଛି। ତା'ଉତ୍ତର କିଏ ଦେବ?'

ତା'ହେଲେ କଣ କରିବା ଏଇ ଚିନ୍ତା କରୁକରୁ, ଥାନା ବାରଣ୍ଡାରେ ଶହ ଶହ ଲୋକ ଜମା ହେଇଗଲେ। ମାଓବାଦୀ ପୋଷ୍ଟର କେମିତି ଦେଖିବାପାଇଁ ଗାଁ ସ୍କୁଲ ମାଷ୍ଟରଙ୍କଠୁ ଆରମ୍ଭ କରି, ପୋଷ୍ଟ ପିଉନ ସୁଧାରୁ ଆସି ପହଞ୍ଚିଗଲେ। ବେଳ ଗଡିବା ଦେଖି ଶତୁରା ମଉକା ଦେଖି

ସେଥାରୁ ଛୁ ମାରିଲା। ମନେ ମନେ ଭାବିଲା ଏଠି ବସି କିଛି ଲାଭନାହିଁ, ବରଂ ଖବରଟା ପଠେଇଦେଲେ ଆଉ କେତେମାସ ପାଇଁ ସାଂବାଦିକ କାର୍ଡଟା ମିଳିଯିବ, ତା'ଉପରେ ଏବେ ଥାନାବାଲାଏ ବି ମାସିକା ଭତ୍ତାଟିଏ ଦେବେ, ନୋଇଲେ ଧମକାଇବା କେତେ କଷ୍ଟ?

ଦିପହର ହେଉ ହେଉ, କ୍ୟାମେରା ଧରି ସାମ୍ବାଦିକଙ୍କ ଧାଡି ଲାଗିଗଲା। ଥାନାବାବୁ ମନେ ମନେ ଚିନ୍ତା କରୁଥିଲେ ଚିରିଦେଇଥିଲେ କଥା ଛିଡିଥାନ୍ତା। ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତର ଦେଇ ଦେଇ ଥାନାବାବୁ ଥକି ପଡିଲେଣି। ସନ୍ତ୍ରୀ ବାବୁଙ୍କୁ ଆସି କହିଲା, ମା ଡାକୁଛନ୍ତି। ବିରକ୍ତ ହେଲେ ସୁଦ୍ଧା ଏ ସାମ୍ବାଦିକଙ୍କ ଜାଲରୁ ଫିଟିବା ପାଇଁ ବାବୁ ବସାକୁ ଧାଇଁଲେ।

ମା' ଚିନ୍ତାରେ ବସିଛନ୍ତି। ବାବୁଙ୍କୁ ଦେଖି କହିଲେ, 'କିଛି ଚିନ୍ତା କଲ? କଣ କରିବ?'

ବାବୁ ଚିଡି ଉଠି କହିଲେ, 'ଏ ଶଃ ସାମ୍ବାଦିକ ଗୁଡାକ ଛାଡିଲେ ତ କିଛି ଚିନ୍ତା କରିବି। ମୁଣ୍ଡ କିଛି କାମ କରୁନି।' ମା ବୋଇଲେ 'ଟିକେ ରୁହ।' ଲେମ୍ବୁପାଣି ଆଣି ବାବୁଙ୍କୁ ଦେଲେ। ବାବୁ ପାଣିତକ ପିଉ ପିଉ ମା' କହିଲେ, 'ଏସ୍‌ପି ଆଜ୍ଞାଙ୍କୁ ଟିକେ ଫୋନ୍ କରି କଥାଟା ଜଣାଅ, ନୋହିଲେ ପରେ କହିବେ ଆମକୁ ଜଣାଇଲ ନାହିଁ କାହିଁକି?'

ବାବୁ କହିଲେ 'ଜଣାଇବି କେମିତି? ପୋଷ୍ଟରରେ ପରା ମୋ ବିଷୟରେ ଅନେକ କଥା ଲେଖା ଅଛି। ଏସ୍‌ପି ସାହେବ କିଛି କରିବେ ନ କରିବେ ମୋତେ ଆଗ ସସ୍ପେଣ୍ଡ କରିଦେବେ।' ମା ହସିଦେଇ କହିଲେ 'କହିଦିଅ, କେହିଜଣେ ଦୁର୍ବୃତ୍ତ ଏ କାଣ୍ଡ କରୁଛି। ଆଗରୁ ମଧ୍ୟ ଏଇମିତିକା ପୋଷ୍ଟର ମାରୁଥିଲା, ଆଜି ସବୁ ଦେଖିଲେ ବୋଲି ହଙ୍ଗାମା ହେଇଯାଇଚି। ଭଲ କାମ କଲେ ତ ଅନେକ ଲୋକ ଅନେକ କଥା କହିବେ ହିଁ, ତୁମେ ଚିନ୍ତା କାହିଁକି କରୁଛ?'

ବାବୁଙ୍କ ମୁଣ୍ଡକୁ କଥାଟା ପାଇଲା। ସାଙ୍ଗେ ସାଙ୍ଗେ ଏସ୍‌ପି ସାହେବଙ୍କୁ ଖବରଟା ଜଣାଇଦେଲେ। ଏସ୍‌ପି କହିଲେ, 'ଯାଅ ସେ ପୋଷ୍ଟରକୁ ଚିରି ଆଣି ବୟାନ ଦିଅ, ଯେ ସ୍ଥାନୀୟ କିଛି ଖଳ ପ୍ରକୃତିର ଲୋକ ଏ କାମ କରିଛନ୍ତି, ଖୁବ୍ ଶୀଘ୍ର ତାଙ୍କୁ ଗିରଫ କରାଯିବ।'

ବାବୁ ଝଟାପଟ୍ ଯାଇ ପୋଷ୍ଟରଟିକୁ ନିଜ ହାତରେ ଚିରିବା ପାଇଁ ଉଦ୍ୟତ ହେଉଥିଲେ, ପଛରୁ ସାହୁ ହାବିଲଦାର କହିଲା, 'ସାର ଏଥିରେ ଲେଖା ଅଛି, ଯେ ପୋଷ୍ଟର ଚିରିଲେ ତା'ପଛରେ ବୋମା ଲାଗିଛି ଫୁଟିଯିବ, ସବୁ ଉଡିଯିବ।' ବାବୁ ଟିକେ ପଛକୁ ଆସିଲେ, ଆଦେଶଦେଲେ ସାହୁକୁ ଚିରିବା ପାଇଁ, ସେ ବାବୁଙ୍କ ଗୋଡ ଧରି ତଳେ ପଡିଗଲା। କହିଲା ପାଞ୍ଚ ପ୍ରାଣୀର ସଂସାର ଭାସିଯିବ। ପାତ୍ର ମନାକଲା, ଆଉ ବାକି ସବୁ ଯେ ଯୁଆଡେ ଚାଲିଗଲେ। ବାବୁଙ୍କୁ ଆଉ ବାଟ ଦିଶିଲାନି। ଏସ୍‌ପି ଆଜ୍ଞାଙ୍କୁ ପୁଣି ଖବର ଦେଲେ। ବାବୁ ଫୋନରେ ଏସ୍‌ପିଙ୍କ ସହ କଥା ହେଉଥିବା ବେଳେ ସାମ୍ବାଦିକ ମାନେ କାନେଇ ରହିଲେ। ବାବୁ କହୁଥିଲେ ପୋଷ୍ଟର ପଛରେ କାଳେ ବୋମା ଲାଗିଛି, ଚିରିଲେ ଫାଟିଯିବ। କଥା ଶୁଣି ଯେ ଯୁଆଡେ ଥିଲେ ଦଉଡି ପଳାଇଲେ। ବାବୁ କହିଲେ କରିବା କଣ? ଏବେ ଭାରୀ ମୁସ୍କିଲ ହେଲା। ପୋଷ୍ଟରଟା ନ ହଟିଲା ଯାଏଁ ଆମେ ସବୁ ଅସୁରକ୍ଷିତ।

ଅଗତ୍ୟା ବାବୁ ଦମକଳ କେନ୍ଦ୍ରକୁ ଫୋନ କଲେ। ଦମକଳ ବାଲା ଗାଡି ନେଇ ଆସି ଥାନା ବାହାରେ ରହି ପାଣି ଫୋପାଡିଲେ। ହେଲେ ପାଇଲା ନାହିଁ। ବାବୁ କହିଲେ ବଳ ଲଗାଅ। ପ୍ରେସର ଦିଅ। ପୋଷ୍ଟରକୁ ଓଦା କରିଦିଅ ଆଉ ବୋମା ଫୁଟିବ ନାହିଁ। ଶେଷରେ ଦୁଇଜଣ ଦମକଳ କର୍ମଚାରୀ ସାହାସ କରି ପୋଷ୍ଟରର ଦଶପାଦ ପାଖରେ ରହି ପାଣି ଫୋପାଡିଲେ। ଥାନା କାନ୍ଥଟା ନାଳୀ ହେଇଗଲା। ବାବୁ କହୁଥିଲେ କାଳେ ସେଇଟା ବୋମାର ବାରୁଦଟା, ପାଣିରେ ବହିଯାଉଛି।

ପୋଷ୍ଟରଟା ଲିଭି ଗଲାଣି। ପାଣି ଛିଟିକା ବାଜି, ପୋଷ୍ଟରଟା ତଳେ ପଡିଗଲା। 'ଓହୋ, ପ୍ରାଣ ବଞ୍ଚିଲା' କହି ବାବୁ ଆଗକୁ ଯାଏ ସେ ପୋଷ୍ଟରକୁ ଉଠେଇ ସାମ୍ବାଦିକ ମାନଙ୍କୁ ସଗର୍ବେ ଦେଖାଉଥିଲେ। ପଛରୁ ଆସି ସାହୁ ହାବିଲଦାର କହୁଥିଲା, ଆଜ୍ଞା ପୋଷ୍ଟରଟା ସିନା ଚିରିଦେଲେ, ଯଦି ମାଓବାଦୀମାନେ ସତରେ ଆସିଯିବେ?'

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି
ଆହ୍ୱାନ
ଓଡିଶାର୍ ପ୍ରଥମ ସଂପୂର୍ଣ୍ଣ ଓଡିଆ ସାହିତ୍ୟିକ ଇ-ପତ୍ରିକା

ବାବୁ ଆଜିକାଲି ଛୁଟିରେ ଯାଇଛନ୍ତି । ଲୋକେ କହୁଛନ୍ତି , ମାଓବାଦୀ ଆସିବେ ବୋଲି ସେ କାଳେ ରାଜଧାନୀରେ ବସି ବଦଳି ହେବାପାଇଁ ଚେଷ୍ଟା କରୁଛନ୍ତି । ଥାନାରେ ସାହୁ ହାବିଲଦାର କାଳେ ଭୋଜି କରି କହୁଛି , ଯା'ହେଉ ସେ ଯମ ଏ ଦୁଆରୁ ଉଠିଲା । ପାତ୍ର ହସି ହସି କହୁଛି , 'ଆଇଡିଆ ଟା କାହାର ଥିଲା କି?'

କେବଳ ଖବର
ଯାହା
ଆପଣ ପଢିବାକୁ ଚାହାନ୍ତି...

Visit us
Today
-
odinews.in

www.odinews.in

ପ୍ରଥମ ସଂସ୍କରଣ
ଚତୁର୍ଥ ବର୍ଷ
ରଜ ବିଶେଷାଙ୍କ,
୨୦୧୦



# ରଘୁଆ ଗୋସେଇଁ

କାର୍ତ୍ତିକ ଶେଷ ସୋମବାର ବଡି ପାହାନ୍ତିରୁ ଉଠି ରଘୁଆ ଗୋସେଇଁ ମନ୍ଦିର ଖୋଲିଦେଲେ। ଅନ୍ଧାର ଆହୁରି ଯାଇନି, ସାରା ଗାଁ ନିଦରେ ଶୋଇଛି, ହେଲେ ରଘୁଆ ଗୋସେଇଁଙ୍କୁ ନିଦ ନଥିଲା। ଆଜି ଭଲ ଆୟଟିକେ ହେବ ବୋଲି ସାରାରାତି ଶୋଇନାହାନ୍ତି। ମନ୍ଦିର ବାରଣ୍ଡାରେ ବସିପଡିଲେ ରଘୁଆ ଗୋସେଇଁ। ପାହାଚରେ ପାଣିଛିଞ୍ଚି ଦେଇ ମନ୍ତ୍ର ବୋଲୁ ବୋଲୁ ପାଦଟା କିଛି ଗୋଟେ କଅଁଳ ଚିଜ ଉପରେ ପଡିଗଲା। ଅନ୍ଧାରରେ ଡେଇଁପଡିଲେ ଗୋସେଇଁ ଆଜ୍ଞା। ଡିବିରିଟାକୁ ପାଖକୁ ନେଇ ଦେଖିଲେ, ମଳାପକେଇ ବସିଚି କଳା ନାଗଟେ, ଆଲୁଅ ଦେଖି ମୁଣ୍ଡ ଟେକିଲା। ଗୋସେଇଁଙ୍କ କଛା ଭୟରେ ଓଦା ହେଇଗଲା। ମନେ ମନେ ଚିନ୍ତିଲେ ଏଇ ଜୀବଟା ଏଇଠି ରହିଲେ, ବିପଦ। ଲୋକବାକ ଆସିବାକୁ ଆହୁରି ଅନେକ ସମୟ ଅଛି। ତରବରରେ ମନ୍ଦିର ଭିତରେ ପଶିଗଲେ। କବାଟ ପଛରୁ ବନ୍ଧକରିବାର କିଳାଠେଙ୍ଗାଟା ଥିଲା, ଉଠେଇ ଆଣି ସେଇ ଅନ୍ଧାରରେ ଦେଲେ ପାହାରେ। ଛଟପଟ ହେଇ ସେଇଠି ଡୋ ହେଇଗଲା ସାପଟା। ଚାରିଫୁଟ ଲମ୍ବର କଳାନାଗଟା ଥିଲା।

ସାପଟା ମରିଗଲାପରେ, ତାକୁ ନେଇ ମନ୍ଦିର ପଛରେ ଲୁଚେଇ ଦେଲେ। କହିଲେ ଏଇନା ଜଣାପଡିଲେ ପୁଣି ଏହାକୁ ଚନ୍ଦନ କାଠ ଆଉ ଘିଅଦେଇ ଜାଳିବାକୁ ପଡିବ। ମନ୍ଦିର ପାହାଚରୁ ଧାଇଁଲେ ପୋଖରୀକୁ। ଧୁଆଧୋଇ ହୋଇ ପୁଣି ପାଣି ଆଣି ପାହାଚ ଆଉ ମନ୍ଦିର ସବୁ ଧୋଇଲେ। ହାତଘଣ୍ଟାଟାକୁ ଦେଖିଲେ, ସକାଳ ସାଢେ ଚାରିଟା ହେଲାଣି। ଶୀତଦିନ ଏଇ ଦେଖୁ ଦେଖୁ କରଣ ଆଉ ବ୍ରାହ୍ମଣଘର ଝିଅବୋହୂ ମାନେ ଅନ୍ଧାର ଥାଉ ଥାଉ ଆସିଯିବେ। ଫୁଲ କେତେଟା ତୋଳିଦେବାକୁ ଗୋସେଇଁ ମନ୍ଦିର ଚାରିପାଖରେ ଥିବା ମନ୍ଦାର ଆଉ ଟଗର ଗଛକୁ ଗଲେ। ପୁଣିଥରେ ସେଇ ମଲା ସାପଉପରେ ପାଦ ପଡିଗଲା। ମନକୁ ମନ ଭାରୀ

ବିଗିଡି ଯାଇ, ପୁଣିଥରେ ପୋଖରୀକୁ ଯାଇ ସ୍ନାନ ସାରିଲେ। ରାତି ପାହିବା ପୂର୍ବରୁ ତିନିଥର ସ୍ନାନ ହେଇଗଲା । ଏକତ ରାତିରେ ଶୋଇବା ଠିକ ହେଇନଥିଲା, ଉପରେ ତିନିଥର ଗାଧୁଆ ପରେ ଦେହରେ ସାମାନ୍ୟ ତାତି ଆସିଲା। ପୂଜା କେମିତି କରିବେ ଭାବୁ ଭାବୁ ଜୋର୍ ଜୋରରେ ଦି ଚାରିଥର୍ ଛିଙ୍କ ହେଇଗଲା। ଗୋସେଇଁ ଥକି କି ବସିଗଲେ। ମନେ ମନେ ଚିନ୍ତାକଲେ ଆଉ ପାରିବିନି। ସବୁ ମାରା ହେଇଯିବ। ଦେହରେ କଂପ ବି ଆସିଲାଣି। ଧାଇଁଲେ ଗାଁ ଭିତରକୁ। ଅଇଁଠୁ ଗୋସେଇଁଙ୍କ ଘର କବାଟ ବାଡେଇ ଡାକିଲେ।

ଅଇଁଠୁ ଗୋସେଇଁ କବାଟ ଖୋଲି ବଡ ଗୋସେଇଁଙ୍କୁ ଦେଖି କହିଲେ, 'ଭାଇନା, ଏତେ ରାତିରେ କୁଆଡେ?' ଗୋସେଇଁ ସବୁ କଥା ବଖାଣିଦେଲେ। ଅଇଁଠୁ ଗୋସେଇଁ କିସ ଗୋଟେ ଭାବିଲେ, ଘର ଭିତରକୁ ଯାଇ ଜରର ମାତ୍ରାଟେ ଆଣିଦେଲେ। ଗୋସେଇଁଙ୍କୁ ବଟିକାଟା ଖୁଆଇଦେଇ କହିଲେ, 'ଭାଇନା ଚାଲ, ମନ୍ଦିରକୁ ଯିବା। ଦଶ ମିନିଟରେ ଜର ଛାଡିଯିବ।

ମନ୍ଦିର ପାଖରେ ପହଞ୍ଚି ସାପ କାଇଁ ବୋଲି ପଚାରିଲେ ସାନ ଗୋସେଇଁ। ମଲା ସାପଟାକୁ ଧରି ମନ୍ଦିରରେ ପଶିଲେ ଅଇଁଠୁ ଗୋସେଇଁ। ଶିବଲିଙ୍ଗ ଚାରିପାଖରେ ଗୁଡେଇଦେଲା ଭଳିଆ ଶୁଆଇଦେଲେ। ରଘୁଆ ଗୋସେଇଁ କିଛି ବୁଝିଲା ପୂର୍ବରୁ ଅଇଁଠୁ ଗୋସେଇଁ ସବୁ କିଛି ଏମିଇ ସଜେଇ ଦେଲେ ଯେମିତି ସାପ ଅଧିଆ ପଡିଛି। ଅଇଁଠୁ ଗୋସେଇଁ କହିଲେ, 'ଭାଇନା, ତମେ ଟିକେ ଚୂପ୍ ରହିଲେ, ଆଜି ଆମେ ଦି'ପ୍ରାଣୀ ମାଲାମାଲ ହେଇଯିବା।' କିନ୍ତୁ ଏହା ପାପ। ବୋଲି ମନେ ମନେ ଚିନ୍ତାକରୁ କରୁ ରଘୁଆ ଗୋସେଇଁଙ୍କ ଆଖି ଆଗରେ ଝିଅର ବାହାଘର କଥା ଦିଶିଲା। ଚୂପ୍ ହେଇଗଲେ। ଯଦି ସେ କିଛି କହିବେ ବୋଇଲେ ଅଇଁଠୁ ଭାଗ ଦେବନି। ବାସ ବସିପଡିଲେ। ଦଶ ମିନିଟରେ ଜର ଛାଡିଲା ତ ଛାଡିଲା, ମନ୍ଦିରରେ ଭିଡ ଆରମ୍ଭ ହେଇଗଲା।

ସବା ପ୍ରଥମେ କରଣା ଆଜ୍ଞାଙ୍କ ଘର ମାଇପି ମାନେ ଆସିଲେ। ଅଇଁଠୁ ସେମାନଙ୍କୁ ବାଟ କଡାଇ ଯେମିତି ସାପ ଦେଖାଇ ଦେଇଛି। ଅଣା ଦି ଅଣା ଜାଗାରେ ସେମାନେ ଆଠଣା

ଲେଖାଏଁ ପକେଇଲେ। ନଡିଆ ଫାଳେ ଫାଳେ ଭୋଗ ଲଗାଇବା କଥା କହିଲେ। ରଘୁଆ ଗୋସେଇଁଙ୍କ ଜର ଏକାମାଡରେ ଛାଡିଗଲା। ସେ ବି କାମରେ ଲାଗି ପଡିଲେ। ରଘୁଆ ଗୋସେଇଁ ଠିକ୍ ହେବା ଦେଖି ଅଇଁଠୁ ଗୋସେଇଁ ମନ୍ଦିର ବାରଣ୍ଡାରେ ଭିଡ ଜମାଇଲେ। ଦେଖୁ ଦେଖୁ ମନ୍ଦିରରେ ଏତେ ଭିଡ ଜୁଟିବା ଆରମ୍ଭ ହେଲାଯେ, ପୂଜାପୂଜି କରିବା ସମ୍ଭବ ହେଲାନି। ନିଜ ଜୀବଦଶାରେ ରଘୁଆ ଗୋସେଇଁ ଏତେ ଭିଡ କେବେ ଦେଖିନଥିଲେ।

ଦିନ ଦଶଟା ବାଜିଲା ବେଳକୁ ରଘୁଆ ଗୋସେଇଁ ଗାମୁଛାର ଦି ମୁଣ୍ଡରେ ଟଙ୍କାପଇସା ସବୁ ବାନ୍ଧି ସାରିଥିଲେ। ଠାର ଠାରରେ ଅଇଁଠୁ ଗୋସେଇଁଙ୍କୁ ଜଣେଇ ଦେଲେ ଯେ, ସେ ଏତେ ପାଇଲେଣି, ଯେତେ କୋଡ଼ିଏ ବର୍ଷ କାର୍ତ୍ତିକରେ ପାଇନଥିଲେ। ଆଗ କେବଳ ଗୋଟେ ଦି ଗାଁ ଲୋକ ଆସୁଥିଲେ, ଏବେ ଦେଖୁ ଦେଖୁ ଆଖପାଖର ଚାଳିଶି ଖଣ୍ଡ ଗାଁ ଲୋକଙ୍କ ଭିଡ ଜମିଗଲା। ସଞ୍ଜଦୀପ ବେଳକୁ ମନ୍ଦିରରେ ଘଣ୍ଟ ବଜେଇ ରଘୁଆ ପୁରୋହିତେ ଆଜି ଦିନର ପୂଜା ସରିଲା ବୋଲି ଜଣାଇ ଦେଲେ, ହେଲେ କେହି ମନ୍ଦିର ଛାଡି ଯିବାକୁ ରାଜି ନାହାନ୍ତି। ରଘୁଆ ଗୋସେଇଁଙ୍କ ଚିନ୍ତା ବଢିଗଲା। ହେଲେ ଅଇଁଠୁ ଗୋସେଇଁଥିଲେ ତୀକ୍ଷ୍ଣ। ସେ ତୁରନ୍ତ ମନ୍ଦିରେ ତାଲା ପକାଇ କହିଲେ, 'ଅଧିଆ ପଡିଥିବା ଭକ୍ତ ପାଖରେ ବେଶୀ ଗହଳି କଲେ, ଭକ୍ତର ଧ୍ୟାନ ଭାଙ୍ଗିଯିବ।'

ଦି ଗୋସେଇଁ ମିଶି ଘରକୁ ଯାଇ ଯାହା ମିଳିଥିଲା ତାକୁ ଭାଗ ବାଣ୍ଟିଦେଲେ। ରଘୁଆ ଗୋସେଇଁ ମନେ ମନେ ଚିନ୍ତାକରୁଥିଲେ ସେ ମଲା ସାପକୁ ମନ୍ଦିରରୁ ବାହାର କରିବେ କେମିତି। ରାତି ହେଲାଣି। ଗାଁଲୋକେ ଶୋଇଗଲେଣି ଦେଖି ଗୋସେଇଁ ମନ୍ଦିରକୁ ବାହାରିଲେ। ଯା'ହେଉ ଅନ୍ଧାରରେ ସେ ସାପକୁ ମନ୍ଦିରରୁ ବାହାର କରିଦେଇ, ମନ୍ଦିର ପାହାଚରେ ଶୁଆଇଦେଇ ନିଜେ ସ୍ନାନ ସାରି ଘରକୁ ଫେରିଲେ।

ମଙ୍ଗଳବାର ସକାଳୁ ସକାଳୁ ଗାଁରେ ଚାରିଆଡେ ଖବର ବ୍ୟାପୀଗଲା ଯେ ଶିବଭକ୍ତ ସାପଟା ମରିଯାଇଛି। ଅଗତ୍ୟା ତାହାର ଶବଦାହ କରାଯିବ। ରଘୁଆ ଗୋସେଇଁ ସବୁ କର୍ମ ସାରିବାକୁ ବାଧ୍ୟ ହୋଇଗଲେ। ପୁଣିଥରେ ମନ୍ଦିର ପୋଖରୀରେ ତିନିଚାରିଥର ସ୍ନାନ କରି

ଦିପହର ବେଳକୁ ସାପର ଶେଷକୃତ୍ୟ ସାରିଲେ।

ସଞ୍ଜବେଳକୁ ଝିଅର ବିବାହକୁ ପ୍ରଥମ ଯୋଗରେ ସାରିଦେବା ଚିନ୍ତା ମନକୁ ନେଇ ଧାଇଁଲେ ରଘୁନାଥପୁର ବଳିଆ ଗୋସେଇଁଙ୍କ ଘରକୁ। ଦି ଦିନର ପରିଶ୍ରମ ପରେ ଦେହରେ ବ୍ୟଥା ବଢିଗଲା। ଦେହରୁ ଜର ଛାଡୁନଥିଲା। ଦେଖୁ ଦେଖୁ ଝିଅର ବାହାଘର ଦିନ ହେଇଗଲା।

ଗୋସେଇଁଙ୍କ ଦେହରୁ ଜର ଓହ୍ଲାଇବା ନାମ ନେଉନି। ଅଇଁଠୁ ଗୋସେଇଁ ବିବାହକର୍ମ କଲେ। ବାହାଘରଟା ସରିଗଲା, ହେଲେ ରଘୁଆ ଗୋସେଇଁଙ୍କ ସ୍ୱାସ୍ଥ୍ୟ ଦିନକୁ ଦିନ ଖରାପ ହେବାକୁ ଲାଗିଲା। ଡାକ୍ତର ଇଞ୍ଜିସିନ କଥା ଶୁଣିଲେ ଗୋସେଇଁଙ୍କୁ ଡର। ତେଣୁ ବୈଦ୍ୟଙ୍କୁ ଡକାଗଲା।

ଆଖ ପାଖ ଚାଳିଶିଖଣ୍ଡ ଗାଁରେ ଭାରୀ ଡାକ ନାଁ ବୈଦ୍ୟ ସନ୍ତରାମ ସାହୁଙ୍କ। ରୋଗୀର ନାଡି ଧରି ସେ କହିଦିଅନ୍ତି କୋଉ ରୋଗ ହେଇଛି। ରଘୁଆ ଗୋସେଇଁଙ୍କ ନାଡି ଦେଖୁ ଦେଖୁ ଆଖି ତରାଟି ଚାହିଁ ବଇଦ କହିଲେ, ଗୋସେଇଁଙ୍କ କିଛି ଗୋଟେ ମାନସିକ ବାକି ରହିଯାଇଛି, ନଇଲେ କିଛି ପାପ ରହିଯାଇଛି। ଗୋସେଇ ପାପ ଶବ୍ଦଶୁଣୁ ଶୁଣୁ ସେ ସାପଟା ଆଖିରେ ନାଚିଗଲା। ଅଇଁଠୁ ଗୋସେଇଁ ସବୁ ଜାଣିଗଲେ। କହିଲେ, 'ମୋତେ ପ୍ରତୀତ ହେଉଛି, ସେଇ ଶିବଭକ୍ତ ନାଗସାପଟା କାଳେ ଗୋସେଇଁଙ୍କ ଉପରେ ଦୃଷ୍ଟି ପକାଇ ଦେଇଛି। ଯେଉଁ ଦିନୁ ସେ ସାପ ଆସିଥିଲା ସେବେଠୁ ଗୋସେଇଁଙ୍କ ଦେହ ଖରାପ ହେଉଛି। ତେଣୁ ଯଦି ସବୁ ଗାଁ ଲୋକେ ଚାହିଁବେ ଆମେ ଗୋଟିଏ ଯଜ୍ଞ କରି ସେ ସାପର ଆତ୍ମାଶୁଦ୍ଧି କରିବା, ନହେଲେ ଆଜି ଗୋସେଇଁ ପଡିଛନ୍ତି କାଲି ମୁଁ ପଡିବି, ଆଉ ତା'ପରେ ସାରା ଗାଁ।'

ତିନିଦିନ ଧରି ଯଜ୍ଞ ଅନୁଷ୍ଠାନ ହେଲା। ଆଖପାଖ ଚାଳିଶି ଖଣ୍ଡ ଗାଁ ଲୋକ ଜମାହେଲେ। ଲୋକଙ୍କୁ ଦେଖି ରଘୁଆ ଗୋସେଇଁଙ୍କ ଜର କୁଆଡେ ପଳାଇଗଲା। ଦି ହାତରେ ଟଙ୍କା ଗୋଟେଇ ଗୋଟେଇ ଥୟ ମାରିଲେ ନାହିଁ। ଯଜ୍ଞାନୁଷ୍ଠାନ ସରିବାପରେ ଅଇଁଠୁ ଗୋସେଇଁ କହିଲେ, 'ଭାଇନା ଚାଲ ତୀର୍ଥରେ ଯିବା। ଆଉ ଏଇ ସବୁ କର୍ମକୁ ଯାଇ ପୁରୀ ସମୁଦ୍ରରେ ଧୋଇ ଆସିବା।'

ପ୍ରଥମ ସଂସ୍କରଣ
ଚତୁର୍ଥ ବର୍ଷ
ରଜ ବିଶେଷାଙ୍କ,
୨୦୧୦

ରଘୁଆ ଗୋସେଇଁ ବି ହଁ ଭରିଲେ। କାର୍ଜିଙ୍କ ଦୟାରୁ ଶଗଡ, ବଳଦ, ଶଗଡିଆ ଆଉ ସବୁ ପ୍ରକାର ସାହାଯ୍ୟ ମିଳିଗଲା। କରଣ ଆଜ୍ଞା ଚିଠି ହାତରେ ଦେଇ କହିଲେ, ଦକ୍ଷିଣ ଦ୍ୱାରରେ ଆମ ଗାଁ ମହନ୍ତ ରହୁଛନ୍ତି, ସେଇଠାକୁ ଗଲେ ରହଣୀ ଆଉ ଭୋଜନ କଥା ବୁଝିବେ।

ଦୁଇ ଦିନ ଶଗଡ ଚାଲିଲା ପରେ ପୁରୀରେ ପହଞ୍ଚିଲା। ଶଗଡିଆକୁ ମଠରେ ଛାଡିଦେଇ ଦି ଗୋସେଇଁ ସମୁଦ୍ରକୂଳକୁ ଚାଲିଲେ। ସମୁଦ୍ର କୂଳରେ ପହଞ୍ଚିବାପରେ ସ୍ନାନ ପାଇଁ ଆଗଭର ହେଉଥିବା ରଘୁଆ ଗୋସେଇଁଙ୍କ ହାତକୁ ଧରି ଅଇଁଠୁ ଗୋସେଇ କହିଲେ, ଭାଇନା ପାପ ଧୋଇବାକୁ ସେପାଖ ନାହିଁ ଏପାଖକୁ ଆସ। ହାତ ଟାଣି ଟାଣି ବଙ୍ଗାଳୀ ଡାକ୍ତରଖାନାକୁ ନେଇଗଲେ। ଡାକ୍ତରବାବୁ ଗୋସେଇଁଙ୍କ ସବୁ ପରୀକ୍ଷା ନିରୀକ୍ଷା କରି କହିଲେ, ଏଇଟା ତ ଶ୍ୱାସରୋଗ। କହିଲେ ସାତଦିନ ଔଷଦ ଖାଇବାକୁ ପଡିବ। ଗୋସେଇଁ ହଁ ଭରିଲେ। ଯା ହେଉ ଜଗନ୍ନାଥଙ୍କ କୃପାରୁ ଦିନ ତିନିଟାରେ ଦେହ ସଂପୂର୍ଣ୍ଣ ସୁସ୍ଥ ହୋଇଗଲା। ତଥାପି ସାତଟି ଦିନ ବଡଦେଉଳ ବେଢାରେ ବସି ଭଜନ କୀର୍ତ୍ତନ କରି ଗାଁକୁ ଫେରିଲେ।

ଗାଁ ଲୋକେ ବି ଗୋସେଇଁଙ୍କ ଭଲ ହେବା ଦେଖି ଭାରୀ ଉତ୍ସାହିତ ହୋଇପଡିଲେ। ଗାଁ କୋଠଘରୁ ଚାନ୍ଦାଭେଦା କରି ଗୋଟେ ପିତଳ ସାପ ମନ୍ଦିରଭିତରେ ରଖାଇବା କଥା ଉଠାଇଲେ। ରଘୁଆ ଗୋସେଇଁଙ୍କ ମୁହଁ ଲାଲ ହୋଇଗଲା। ସାପ କଥା ଶୁଣିଲେ ଦେହ ହାତରୁ ଝାଳ ବାହାରି ପଡିଲା।

ଏବେ ଗୋସେଇଁ ଆଉ ମନ୍ଦିରକୁ ଯାଉ ନାହାନ୍ତି। ତାଙ୍କ ସୁପୁତ୍ର ଏବେ ମନ୍ଦିରର ସମସ୍ତ ଦାୟିତ୍ୱ ବୁଝୁଛନ୍ତି। ଯେତେବେଳେ ବି ସାପ ବୋଲି ଶବ୍ଦ ଶୁଣୁଛନ୍ତି ଗୋସେଇଁଙ୍କ ଦେହ ଖରାପ ହୋଇଯାଉଛି। ଗାଁ ବାଲାଏ କହୁଛନ୍ତି, କାଳେ ସେ ସାପ ଯାହା ପୂଣ୍ୟ କରିଥିଲା, ତା'ର ଭାଗେ ଗୋସେଇଁଙ୍କୁ ଦେଇ ଚାଲିଯାଇଛି। ନହେଲେ ଗରୀବ ଗୋସେଇଁ ନିଜ ଝିଅର ବିବାହ ଏତେ ଧୂମଧାମରେ କରି ପାରନ୍ତେ? ନା, ଜମି ଖଣ୍ଡେ କିଣି ପାରନ୍ତେ।

# ମୁଁ ଆଉ ଆମେ

ମୁଁ ଏକ ସହଜ ଶବ୍ଦ। ସବୁ କଥାରେ ମୁଁ ଥାଏ। କେହି କେହି ନିଜର ବଡପଣ ଦେଖାଇବାପାଇଁ ଏହି ପଦର ବହୁଳ ବ୍ୟବହାର କରିବାକୁ ପଛାନ୍ତି ନାହିଁ। ସଭାସମିତିରେ ନେତାଏ ଏହି ଶବ୍ଦର ବହୁଳ ବ୍ୟବହାର ଯେମିତି କରନ୍ତି, ଠିକ୍ ସେଇମିତି ଘରଗୃହସ୍ତିରେ ସ୍ତ୍ରୀଲୋକମାନେ ଏହି ଶବ୍ଦର ବ୍ୟବହାରକୁ ନିଜର ଜନ୍ମ ସିଦ୍ଧ ଅଧିକାର ବୋଲି ଧରିନିଅନ୍ତି। ଯେମିତି ମୁଁ ଘରଟିଏ କରିବି ବୋଲି ଭାବୁଛି, ମୁଁ ସୁନା କିଣିଲି, ମୁଁ ଏୟା କଲି, ସେୟା କଲି, ଏହିରେ ବିଚରା ସ୍ୱାମୀର ଅବସ୍ଥା କେହି ଦେଖନ୍ତି ନାହିଁ କି ବୁଝନ୍ତି ନାହିଁ। ଦିନରାତି ପରିଶ୍ରମ କରି ଝାଳବୁହାଇ ଟଙ୍କା ରୋଜଗାର କରୁଥିବା ସ୍ୱାମୀଟା କେବେ ମୁଁ ବୋଲି ପଦଟେ କହିଦେଲେ ଘରେ ନିଆଁ ଲାଗିଯାଏ। ଯେମିତି ମୁଁ ଭାବୁଛି ଏ ମାସରେ ଜମିଖଣ୍ଡେ କିଣିବି, ବାସ ଶ୍ରୀମତି ମୁହଁ ଫୁଲେଇ କହିବେ, ହଁ ତୁମ ଘର ତୁମ ପଇସା ମୋତେ କିଏ ପଚାରୁଛି?

ଏହି ପରି ଏକ ଶବ୍ଦକୁ ସମୁହ ଭାବରେ କହିବାର ସାହାସ କେହି କରନ୍ତି ନାହିଁ। ଯେଉଁ କଥାଟା ମୁଁ ରେ କୁହାଯାଏ, ତାହାକୁ ଆମେ ବୋଲି କହିଲେ କେତେ ସୁନ୍ଦର ହୁଅନ୍ତା। ଯେମିତି 'ଆମେ ଭାବୁଚୁ ସୁନା କିଣିବୁ, କିମ୍ବା ଜମି କିଣିବୁ।' ନାଁ ସେଇଟା କେମିତି ହେବ।

ନିଜର ଅହଂକୁ ଠେସ୍ ଆସିଯିବନି। ସ୍ୱାମୀ କହିବ ମୁଁ ଖଟିକି ଟଙ୍କା ଆଣୁଛି ତେଣୁ ଯାହା ସବୁ ହେଉଛି ମୋ ଦ୍ୱାରା ହିଁ ହେଉଛି, ଆଉ ସ୍ତ୍ରୀ ଆଖିରୁ ଲୁହ ଝରେଇ କହିବ, ବିବାହ କରିଆଣିଛ, ଚାକରାଣୀ କରି ରଖିଲେ ରହିବି, ମୋର କଣ ଅଛି କି? ବାସ ଦ୍ୱନ୍ଦ ଆରମ୍ଭ।

ଏମିତି ଦିନେ ଏହି ମୁଁ ଶବ୍ଦକୁ ନେଇଁ ଘମାଘୋଟ ଲଢେଇର ସୁତ୍ରପାତ ହେଲା। ବାବୁଙ୍କ ସହିତ ଶ୍ରୀମତି ସନ୍ଧ୍ୟାରେ ବଜାର ଭ୍ରମଣରେ ଯାଇଥିବା ସମୟରେ, ନିଜର ପୁରୁଣା ବାନ୍ଧବୀକୁ ଦେଖି କହୁଥିଲେ, 'ମୁଁ ଗାଡିଟେ କିଣିଲି, ଘରଟେ କରିଛି, ସୁନାରେ ମୋର ମନ ନାହିଁ, କିନ୍ତୁ

ଆଗକୁ ଦେଖି କିଛି କିଣିଲି, ଏବେ ବ୍ୟାଙ୍କରେ କିଛି ରଖିବାଉ ଚିନ୍ତା କରୁଚି।' ବାନ୍ଧବୀ ମୋହିତ ହେଲାପରି ସବୁ ଶୁଣୁଥିଲା। କହିଲା, 'ଆଲୋ ତୁ ତ ମାଟ୍ରିକ୍‌ରେ ଫେଲ୍ ହେଇଥିଲୁ ନାଁ। କେବେପାସ କଲୁ ଆଉ କେବେ ଚାକିରୀ କଲୁ?' ଶ୍ରୀ ମତି ଚମକି ପଡି କହିଲେ 'ଚାକିରୀ? ମୁଁ କି ଚାକିରୀ କରିବି? ମୋର କ'ଣ ଅଭାବ ଅଛି ଯେ?'

ବାନ୍ଧବୀ ଫେଁ କିନା ହସିଦେଇ କହିଲା, 'ନାଇଁ ତୁ ଯେମିତି ବଡ ବଡ କଥା କହିଲୁ ଭାବିଲି କାଳେ କୁଆଡେ ଚାକିରୀ ବାକିରୀ ଗୋଟେ କରିଦେଇ ଏ ସବୁ କରିଦେଲୁ ନା।'

ଶ୍ରୀମତୀଙ୍କ ମୁହଁ ଆମ୍ବିଳା ହେଇଗଲା। ବାନ୍ଧବୀ ତଥାପି କହୁଥିଲେ, 'ଆଲୋ ମଉସା ପରା ସ୍କୁଲ୍ ମାଷ୍ଟ୍ର ଥିଲେ, ତତେ କେତେ ଯଉତୁକ ଦେଇଥିଲେ ଯେ ତୁ ଘର, ଗାଡି ସୁନା ସବୁ କିଣିଦେଲୁ?' ବାସ ଶ୍ରୀମତି ଆଉ ପାରିଲେନି କହିଲେ, 'ବାପା କିଛି ଦେଇନଥିଲେ ଯେ, ମୋ ସ୍ୱାମୀ କଣ କମ୍ ଦରମା ପାଉଛନ୍ତି କି?'

ଏଥର ବାନ୍ଧବୀ କହିଲେ, 'ଆଉ ସେମିତି କହୁନୁ। ସୁନା ତୋ ସ୍ୱାମୀ କିଣିଲେ, ଗାଡି ତୋ ସ୍ୱାମୀ କିଣିଲେ, ଘର ତୋ ସ୍ୱାମୀ କରିଲେ, ଆଉ ଏଇ ଯୋଉ ବ୍ୟାଙ୍କ ବାଲାନ୍‌ସ କଥା କହୁଛୁ ସେ ବି ତ ସେହି କଲେ ନା।'

ଘରକୁ ଫେରିବା ପରେ ଶ୍ରୀମତି ଚୁପ୍ ଥିଲେ। ବାବୁ ଧୁଆଧୋଇ ହୋଇ ଟିଭି ଦେଖିବାକୁ ବସିଥିଲେ, ପାଖକୁ ଆସି କହିଲେ, 'କୁହତ ମୁଁ ଆଜି କଣ ଏମିତି ଭୁଲ୍ କଥାଟେ କହିଲି ଯେ ସେ ମତେ ଏତେ ଭାଷଣ ଦେଇଦେଲା।' ବାବୁ ସାମାନ୍ୟ ହସିଦେଇ କହିଲେ, 'ତୁମ ବାନ୍ଧବୀ ତୁମ ଜାଣ।'

ମା'ଙ୍କ ରାଗ ବଢିଗଲା। 'ଓହୋ, ବୋଇଲେ ସେ ଯାହା କହିଲା ସବୁ ଠିକ୍। ନାଁ କଣ? ହଁ, ମୋର କଣ ଅଛିକି? ବାହାକରି ଆଣିଛ ଯାହା ହେଲେ ବି। ଆମ ଘର ଗରୀବ। ତମେ ଦୟାକଲ।' ବାବୁ କହିଲେ, 'ଯାଅ ରୋଷେଇବାସ କିଛି କର।' ରାଗ ଗରଗର ହୋଇ ମା ଚାଲିଗଲେ।

ପ୍ରଥମ ସଂସ୍କରଣ
ଚତୁର୍ଥ ବର୍ଷ
ରଜ ବିଶେଷାଙ୍କ,
୨୦୧୦

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି
ଆହ୍ୱାନ
ଓଡିଶାର ପ୍ରଥମ ସଂପୂର୍ଣ୍ଣ ଓଡିଆ ସାହିତ୍ୟିକ ଇ-ପତ୍ରିକା

ହେଲେ ମନକୁ ବୁଝାଇବା ଭାରୀ କଷ୍ଟ। ବାବୁ ଚୁପ୍। କ୍ୱଚିତ୍ କଥା କହନ୍ତି।

ବାପଘରକୁ ଯିବି ବୋଲି କହି ମାଁ ଘୋଷଣା କଲେ। ବାବୁ ନିର୍ବିକାର।

ନିଜଘରକୁ ଚାଲିଗଲେ। ଦିନ କେଇଟା ରହିନାହାନ୍ତି, ନିଜ ଘରର ଐଶ୍ଆରାମ୍ କଥା ମନେ ପଡିଲା ଯେତେବେଳେ, ଚାଲିଆସିଲେ। ଠିକ୍ ପୂର୍ବପରି ଦିନେ ବଜାରରେ ପୁଣି ଜଣେ ପୁରୁଣା ବାନ୍ଧବୀକୁ ଦେଖି ଅଣଦେଖା କରି ଚାଲି ଆସୁଥିଲା ବେଳେ ବାଟ ଓଗାଳିଲା ସେ। ଆଜି ବାବୁ ସାଥୀରେ ନଥିଲେ, ସୁଧା ମା ଙ୍କ ପାଟି ଖୋଲିନଥିଲା। ମନେ ମନେ ଭାବିଲେ ଆଜି ଆଉ ଅପଦସ୍ତ ହେବିନି କି କିଛି କହିବିନି, ହେଲେ ଅଭଦ୍ର ଜିଭ କି ଚୁପ୍ ରହିଥାନ୍ତା। ବାନ୍ଧବୀର ମୋବାଇଲ୍ ଦେଖୁଦେଖୁ ନିଜ ମୋବାଇଲ୍ ଦେଖାଇ କଥା ହେଉ ହେଉ ସେ ଘର କଲି, ଗାଡି କଲି, ସୁନା କଲି ଆଦି ଏତେ କଥା ସବୁ କହିପକାଇଲେ। ବାନ୍ଧବୀ କହିଲା, 'ତୋର ବଡ ଭାଗ୍ୟଲୋ। ତୋ ସ୍ୱାମୀ ତୋ ପାଇଁ ଏତେ ସବୁ କରୁଛନ୍ତି।'

ବାସ୍ ମା'ଙ୍କ ଦିହରେ ନିଆଁ ଲାଗିଗଲା। କିଛି କହିବାର ଜୁ ଆଉ ନଥିଲା। କଣ କରାଯିବ, ଦୁଷ୍ଟ ଜିଭଟା ଚୁପ ରହୁନି, ସତ କହିଲେ ନିଆଁ ଲାଗୁଛି। ସେ ଯା ହେଉ ଆଜିକାଲି ମା ଆଉ କାହା ସହ ମିଳାମିଶା କରୁନାହାନ୍ତି। କାଳେ ଘରେ ଚୁପଚାପ ବସି ଟିଭି ଦେଖୁଛନ୍ତି। ବାବୁ ତ ବେଳସୁ ଚୁପଚାପ ରହିବା ଲୋକ।

ଜମିଖଣ୍ଡେ କିଣିବାପାଇଁ କୁଆଡେ ଇଚ୍ଛା କରୁଥିଲେ ଯେ ବାବୁ କହିଲେ ପଇସା ନାହିଁ। ଯଦି ତୁମେ ରଖିଚ କିଣି ପକାଅ। ମୁଁ କିରାଣୀ ଲୋକ ମୋ ପାଖରେ ପଇସା କାହିଁ। ସରକାରୀ କ୍ୱାର୍ଟରରେ ଜୀବନ ବିତେଇବି, ଦେଖିବା ରିଟାୟାର୍ଡ ହେଲାପରେ ଯଦି ସମ୍ବଳଥିବ ଘର ଟେ କରିବି ନୋଇଲେ ତୁମେ ଯୋଉ ଘର କରିବ ସେଥିରେ ରହିବି। ମା' କହିଲେ ମୁଁ କୋଉଠୁ ଘର କରିବି? ବାବୁ ହସିଦେଇ କହିଲେ ନାଇଁ ତୁମେ ଯେଉଁ କନ୍ଫିଡେନ୍ସରେ ସମସ୍ତଙ୍କୁ କହୁଛ ମୁଁ ଘର କରୁଛି ବୋଲି, ମୋତେ ବି ଇଚ୍ଛା ହେଉଛି ଆଉ କିଛି ନ କରି ସେଇ ଘରେ ଯାଇ ରହିବା ପାଇଁ। ମା' ଚୁପ ହେଇଗଲେ। ଆଜିକାଲି ଘରେ ବହୁତ ଶାନ୍ତି ରହୁଛି।

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି
ଆହ୍ୱାନ
ଓଡିଶାର୍ ପ୍ରଥମ ସଂପୂର୍ଣ୍ଣ ଓଡିଆ ସାହିତ୍ୟିକ ଇ-ପତ୍ରିକା

ପ୍ରଥମ ସଂସ୍କରଣ
ଚତୁର୍ଥ ବର୍ଷ
ରଜ ବିଶେଷାଙ୍କ,
୨୦୧୦

# କେତୋଟି କ୍ଷୁଦ୍ର କବିତା

ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର
ସହ ସଂପାଦିକା, ଆହ୍ୱାନ

## ଜାଣେନି

ଓଠ ମୋ ଖୋଲୁନି,
ଆଖି ମୋ କହୁନି,
ଇସାରା ବି ଜାଣେନାହିଁ...

ଯଦି ବୁଝପାର
ବୁଝାଇ ଦେବ କି !!!

କି ଭାବେ ବୁଝିଛି ମୁହିଁ

## ଦ୍ୱନ୍ଦ

ସପନ ବୁଣାଜାଲରେ ଆଜି
ଛନ୍ଦି, ବନ୍ଦୀ ଏଇ ଜୀବନ,
ପାଇବା ପାଇବା ଦଉଡରେ ଅନ୍ଧ...

କଅଣ ବା ଦେଇ ପାରିବି
ଭାବିଲେ ଶ୍ୱାସ ରୁଦ୍ଧ ହୁଏ

ଏହାକୁ କି କହନ୍ତି ଦ୍ୱନ୍ଦ !!!

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଆହ୍ୱାନ

ଓଡିଶାର ପ୍ରଥମ ସଂପୂର୍ଣ୍ଣ ଓଡିଆ ସାହିତ୍ୟିକ ଇ-ପତ୍ରିକା

ପ୍ରଥମ ସଂସ୍କରଣ
ଚତୁର୍ଥ ବର୍ଷ
ରଜ ବିଶେଷାଙ୍କ,
୨୦୧୦

## ପ୍ରତୀତ

ହାତ ଦିଅ ସାଥୀମୋର
ଅଚିହ୍ନା ଏଇ ପଥ

ପ୍ରୀତି ଡୋରି ଟାଣି ନିଏ
ଅନ୍ତରର ମୋହ

ଭଣ ଭଣ ବାସୁଛି ପ୍ରଣୟର
ରାହା ସାହା କିଛି ଅଛି
ଅଦିନ ବେଳ ଝଡ

ଅଙ୍କା ବଙ୍କା ଟାଣିଛି ମୁଁ ଛବି
ରଙ୍କୁଣି ମୁଁ କରିବନି ପର

## ରାଗିବେନ

ଯଦି ଥିବ ଛନ୍ଦ
ଛାନ୍ଦ, ଆହୁରି ସମାସ

ଅନାୟାସେ ଯଦି
ବୁଝି ପାରୁଥିବେ
ସଭିଏଁ ମୋର ଭାବ !!!

ଅକାରଣେ ବ୍ୟାକରଣ
କରିବି କିଆଁ ପ୍ରୟୋଗ,
କବି ହେବାପାଇଁ କିଆଁ
କରିବି ପ୍ରୟାସ !!!

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଆହ୍ୱାନ

ଓଡିଶାର୍ ପ୍ରଥମ ସଂପୂର୍ଣ୍ଣ ଓଡିଆ ସାହିତ୍ୟିକ ଇ-ପତ୍ରିକା

ପ୍ରଥମ ସଂସ୍କରଣ
ଚତୁର୍ଥ ବର୍ଷ
ରଜ ବିଶେଷାଙ୍କ,
୨୦୧୦

## ମଜା କରୁନି

ତୁମ ପାଇଁ ଛାଡିବିନି
ଦୁନିଆ,
ହେବାକୁ ଚାହେଁ
ଯଦିଓ ତୁମ କନିଆ

କରି ପାରିବିନି କାହାରିକୁ
ପର,
ତୁମ ସହ କରିବି
ସଂସାରେ ମୁଁ ଘର...

ମରିଚିକାକୁ ନୁହେଁ
ସତ୍ୟକୁ କରି ପାଥେୟ,
ଥରୁଟିଏ ହାତ ମୋର
ପାରିବ ଯଦି ଧର...!!!

## ପରିଚିତ

ଗ୍ରୀଷ୍ମର ଉତ୍ତପ୍ତ ସକାଳ
ଅଗଣାରେ ବଡା
କାଲି ରାତିର ବାସି
ପଖାଳ...

ମୁଣ୍ଡଝାଳ ତୁଣ୍ଡେ ମାରି
ଖଟିଖିଆ ଗଲେଣି ଉଠି,
ପ୍ରତିଟି ଦିନର ସେ ସୈନିକ,
ସବୁ ସକାଳେ ଦିଏ
ଜୀବନ ସଂଗ୍ରାମରେ
ରଣ ହୁଙ୍କାର...!!!

ପ୍ରଥମ ସଂସ୍କରଣ
ଚତୁର୍ଥ ବର୍ଷ
ରଜ ବିଶେଷାଙ୍କ,
୨୦୧୦



# ଚିରନ୍ତନ ସତ୍ୟ

ସେଦିନ ସୁକନ୍ୟା ସକାଳୁ ସକାଳୁ କଲେଜ ଯିବାକୁ ବାହାରୁଥିଲା, ବାପା ପଛରୁ ଡାକ ପକାଇଲେ କହିଲେ "ଆଜି କଲେଜ ଯାଅ ନାହିଁ । ତୋତେ ଦେଖିବା ପାଇଁ ପୁଅଘର ଆସୁଛନ୍ତି ।" ସୁକନ୍ୟାର ଛାତି ଭିତରଟା କଣ ହେଇଗଲା । ପୁଅଘର ? ସେ ସାଇକେଲଟା ଦୁଆରେ ଛାଡିଦେଇ ଘର ଭିତରକୁ ପଳାଇଲା ।

ରୋଷେଇଘରେ ବୋଉ ଭାରୀ ବ୍ୟସ୍ତ ଲାଗୁଥିଲା । ସୁକନ୍ୟାକୁ ଦେଖି କହିଲେ "ଯା, ମୋ ଆଲମୀରାରୁ ନାଲି ଶାଢୀଟା କାଢି ପିନ୍ଧିପକା । ମୁଣ୍ଡର ଅଲରାବାଳ ସବୁ ଠିକ କରେ ।"

ସୁକନ୍ୟା ଅବାଧ୍ୟ ଶିଶୁଟିଏ ପରି ଚାଲିଗଲା । ସନ୍ଧ୍ୟାରେ ପୁଅଘର ଆସିଲେ, ଦେଖାଶୁଣା କଲେ । ପୁଅ କାଳେ ଡାକ୍ତର ବୋଲି ବାପାଙ୍କ ଭାରୀମନ । ରାତିରେ ଶୋଇବାକୁ ଗଲାବେଳେ ଶେଯ ପାଖରେ ବସି ବୋଉ କହୁଥିଲେ ସେ କେମିତି ବିବାହ କରିଥିଲେ । ସୁକନ୍ୟା ଚୁପ୍ ଥିଲା । ତା'ମନରେ କେତେ ଢେଉ ଉଠୁଥିଲା । ରମେଶ କଣ କରିବେ ? ମୋ ବାହାଘର କଥା ଶୁଣି ସେ ତ ନିଶ୍ଚୟ ବହୁତ ଦୁଃଖୀ ହେଇଯିବେ ।

ଦ୍ୱିତୀୟ ଦିନ ସକାଳୁ ସୁକନ୍ୟାର ମନ ହେଉନଥିଲା କଲେଜ ଯିବାପାଇଁ, କେମିତି ସେ ରମେଶର ମୁହଁକୁ ଚାହିଁ କଥା ହେବ ? କଲେଜରେ ସମସ୍ତେ କଥା ହେବେଣି ମୋ ବାହାଘର ବିଷୟରେ, ରମେଶ କଣ କରୁଥିବେ ? ସୁକନ୍ୟା ଖଟରେ ପଡିଥିଲା ବାପା ଆସି ମୁଣ୍ଡ ଅଣ୍ଡାଳିଦେଇ ଚାଲିଗଲେ । ବୋଉକୁ କହିଗଲେ, ଝିଅ ଶୋଇଥାଉ ବାହା ହେଇଗଲେ ଆଉ କେତେ ଶୋଇବାକୁ ପାଇବ ?

ସୁକନ୍ୟା ବି କଲେଜ ଯିବାକୁ ଚାହୁଁନଥିଲା । ହେଲେ ବୋଉ ଛାଡିବା ଲୋକ

ନାହିଁ, କହିଲେ "ଶାଶୁଘର ଲୋକ କଣ କହିବେ ? ଏତେ ସମୟ ଶୋଇଲେ ? ଉଠ । ଯା ରୋଷେଇ ଘରେ ଭାଉଜ ସହିତ ମିଶି କିଛି ରୋଷେଇ ଶିଖେ ।"

ଅପରାହ୍ନରେ ସୁମିତ୍ରା ଆସିଥିଲା । ସେ ଚାହୁଁନଥିଲେ ସୁଦ୍ଧା ବୋଉ ତା ବିବାହ ପ୍ରସ୍ତାବ କଥା କହିଦେଇଥିଲେ । ସୁମି କିଛି ସମୟ ଆଶ୍ଚର୍ଯ୍ୟ ହେଇ ସୁକନ୍ୟାକୁ ଚାହିଁ ରହିଲା, ଆଉ ପରେ ତା ହାତ ଧରି ଛାତ ଉପରକୁ ଟାଣିନେଇ କହିଲା,

"ଇୟେ କଣ କହିଲେ ମାଉସୀ ? ତୋ ବାହାଘର ? ଆଉ ରମେଶ ?....

ସେ ଜାଣିଲେଣି ଏ କଥା ?

ଜାଣିଲେ କଣ ହେବ କହିଲୁ ?

ରମେଶ ଥରେ ହାତ କାଟିଦେଇଥିଲା ତୋ ପାଇଁ, ଏବେ ସୁଇସାଇଡ ନିଶ୍ଚୟ କରିଦେବ । ତୁ ଘରେ କିଛି କହିନୁ ? ମାଉସୀଙ୍କୁ ତ କହି ପାରିଥାନ୍ତୁ, ଆଉ ଭାଉଜ ? ... ତୋ ବାହାଘର ପୂରା ଠିକ୍ ହେଇଗଲା ?"

ସୁକନ୍ୟା ମୁଣ୍ଡ ତଳକୁ କରିଠିଆ ହେଇଥିଲା । ସୁମି ଅପେକ୍ଷା କରିଥିଲା ସେ କଣ ଜବାବ ଦେବ ବୋଲି । ସୁକନ୍ୟା ଆଖିରୁ ଦିଧାର ଲୁହ ଖସି ଆସିଲା । ସୁମିକୁ ଭିଡିଧରି ଭୋ ଭୋ ହେଇ କାନ୍ଦିପକାଇଲା ସେ ।

ସୁମି କହିଲା, "ଦେଖେ ତୁ ଯଦି କହିବୁ, ମୁଁ ଭାଉଜଙ୍କୁ କହିବି ।"

ସୁକନ୍ୟା ନାହିଁ କହିଲା, ସେମିତିରେ ବି ଭାଉଜଙ୍କ ସହ ଭଲ ପଡୁନି, ଏ କଥା ଶୁଣିଲେ ସେ ଆହୁରି ବିଗିଡିବେ, ବାପା ଆଉ ଭାଇଙ୍କୁ କଣ କଣ କହିଦେବେ । ବୋଉକୁ କହିହେବନି, କାରଣ ବାପାଙ୍କ କଥା ତା ପାଇଁ ବେଦ, ସେ ବାପାଙ୍କ ବିରୋଧରେ ଯିବ ନାହିଁ । ଆଉ ଘରେ କେହି ନାହିଁ ଯାହା ଉପରେ ସୁକନ୍ୟା ଭରସା କରି ପାରିବ । ସେ ସୁମିକୁ ରାଣ ନିୟମ କରି ଏହି କଥା ରମେଶକୁ କହିବାକୁ ମନା କରିଦେଲା ସତ, କିନ୍ତୁ କେତେଦିନ ?

ପ୍ରଥମ ସଂସ୍କରଣ
ଚତୁର୍ଥ ବର୍ଷ
ରଜ ବିଶେଷାଙ୍କ,
୨୦୧୦

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି
ଆହ୍ୱାନ
ଓଡିଶାର୍ ପ୍ରଥମ ସଂପୂର୍ଣ୍ଣ ଓଡିଆ ସାହିତ୍ୟିକ ଇ-ପତ୍ରିକା

ଦୁଇ ସପ୍ତାହ ହେଲାଣି, ସୁକନ୍ୟା କଲେଜ ଯାଇନାହିଁ । ଏବେ ପରୀକ୍ଷା ସମୟ ନଗଲେ ନଚଳେ । ବାପା କହିଲେ "ଯା ପରୀକ୍ଷା ଦେଇ ଆସ । ନହେଲେ ବର୍ଷେ ଖରାପ ହେଇଯିବ ।"

ସେଦିନ କଲେଜରେ ପାଦ ଦେଉ ଦେଉ ରମେଶ ତା ହାତଟାଣି ଇତିହାସ ବିଭାଗର ପରିତ୍ୟକ୍ତ ଲେକଚର ହଲକୁ ନେଇଗଲେ । ଏତେ ଦିନ ହେଲା କଲେଜ କାହିଁକି ଆସୁନଥିଲ, ବୋଲି ପଚାରିଲା ବେଳକୁ ସୁକନ୍ୟା ଆଖିରୁ ଦିଧାର ଲୁହ ବହିଗଲା । ରମେଶ ସୁକନ୍ୟାର ହାତକୁ ଛାଡିଦେଇ ଦୂରକୁ ଯାଇ ଠିଆ ହେଲେ ।

ସୁକନ୍ୟା ମୁଣ୍ଡ ଉଠାଇ ରମେଶକୁ ଦେଖିବା ଅବସ୍ଥାରେ ନଥିଲା ।

ସୁମି ଆସିବା ପରେ ପରିସ୍ଥିତି ସାମାନ୍ୟ ହାଲୁକା ହେଲାପରି ଲାଗିଲା ସତ କିନ୍ତୁ ସୁକନ୍ୟାର ବିବାହ କଥା ଶୁଣି ରମେଶ ସେଇଠି ବସି ପଡିଲେ ।

ସୁମି ସୁକନ୍ୟାକୁ ବୁଝାଉଥିଲା, ଆଉ ରମେଶ ନିରବରେ ସେଠାରୁ ଚାଲିଗଲେ । ପରୀକ୍ଷା ଚାଲୁଥିବା ସମୟରେ ରମେଶ ଦେଖା ହେଉଥିଲେ ସତ, ହେଲେ ମୁଣ୍ଡ ଟେକି ସୁକନ୍ୟାକୁ ଚାହୁଁନଥିଲେ । ଆଉ ସୁକନ୍ୟା ପାଇଁ ସେ ଥିଲା ସବୁଠୁ କଷ୍ଟ ଦାୟକ ଘଟଣା । ପରୀକ୍ଷା ସରିବା ପରଦିନ ରମେଶ ଦେଖା ଦେଲେନି ।

ଦୁଇମାସ ହେଲାଣି, ଖରାଛୁଟି ସରି ଆସିଲାଣି । ରମେଶ କେଉଁଆଡେ ହଜିଗଲେ ସୁକନ୍ୟା ଜାଣି ପାରିଲା ନାହିଁ । ସୁମି ମଧ୍ୟ ଆଉ ଆସୁନାହିଁ । ସୁକନ୍ୟା ମନରେ ଅନେକ ଦୁଃଖ । ସେ ଚାହୁଁଥିଲେ ସୁଦ୍ଧା ରମେଶଙ୍କର ହୋଇପାରିବ ନାହିଁ ।

କଲେଜ ଖୋଲିଲାଣି । ରିଜଲ୍ଟ ବାହାରିଲାଣି । ସୁକନ୍ୟା ଚେଷ୍ଟାକରି ବି ରମେଶଙ୍କୁ ଦେଖା କରିପାରିଲା ନାହିଁ । ସୁକନ୍ୟାର ପାଠ ପଢାର ଡୋରି ସେତିକିରେ ବନ୍ଧାହେଲା ବାପା ଚାହୁଁଥିଲେ ସୁଦ୍ଧା ସେ ଆଉ ପାଠ ପଢିବନି ବୋଲି କହି ଘରେ ରହିଗଲା ।

ପ୍ରଥମ ସଂସ୍କରଣ
ଚତୁର୍ଥ ବର୍ଷ
ରଜ ବିଶେଷାଙ୍କ,
୨୦୧୦

କଲେଜ ଛାଡିବାର ଛଅ ମାସ ହେଲାଣି, ବିବାହ ପାଇଁ ସବୁ ଯୋଗାଡଯନ୍ତ୍ର ଚାଲିଛି, ବାପାବୋଉ ବଜାର କରି କରି ଥକିଗଲେଣି, ଭାଉଜ ଘର ସମ୍ଭାଳୁଛନ୍ତି । ଭାଇ ବିବାହ କାର୍ଡ ଛପାଛପି କାମରେ ଲାଗିଛି ।

ସେଦିନ ଦିପହରରେ ସୁମି ଆସିଥିଲା । ସୁକନ୍ୟା ମୁହଁରେ ସେ ତେଜ ଆଉ ନାହିଁ । ବାପା କହୁଥିଲେ କାଳେ ବିବାହଟା ଗଡେଇ ଦେବା, ଝିଅ କାଳେ ରୋଗୀଣା ପରି ଦିଶୁଛି । ବୋଉ ମନାକଲେ । ବାହାଘର ଠିକ ହେଲେ ସବୁ ଝିଅ କାଳେ ଚିନ୍ତାରେ ଟିକେ ଝଡିପଡନ୍ତି । ସୁକନ୍ୟାକୁ ଦେଖି କାନ୍ଦିପକାଇଲା ସେ । କହିଲା, ତୁ କଣ ଏମିତି ଦେଖାଯାଉଛୁ ? ଦେହରେ ପ୍ରାଣ ଥିଲାପରି ଜମା ଲାଗୁନି । ମନ ଦୁଃଖରେ ତୁ କେମିତି ଜୀବନ ବିତେଇବୁ ? ଯାହା ହେଲା ତାକୁ ସପ୍ନବୋଲି ଭାବି ଭୁଲି ଯା, ନୂଆ ଜୀବନରେ ସବୁଠିକ ହେବ ।

ସୁକନ୍ୟା କାଠ ପିତୁଳାପରି ଠିଆ ହେଇଥିଲା । ସୁମି ଫେରିଯାଉ ଥିବା ବେଳେ କହିଲା ରମେଶ କାଲେ ଆସିଛି । ସୁକନ୍ୟା ସୁମିକୁ କହୁଥିଲା, ଥରେ ରମେଶ ସହ ଦେଖା କରନ୍ତି ବୋଲି । ସୁମି ମନା କରିଦେଲା । କହିଲା ଅତୀତକୁ ଭୁଲି ଯା ।

ହେଲେ ସୁକନ୍ୟା ମନ ମାନିଲା ନାହିଁ । ଦ୍ୱିତୀୟ ଦିନ ଅପରାହ୍ନରେ ସୁମି ଘରକୁ ଯାଉଛି କହି ଚାଲିଲା ରମେଶଙ୍କ ବସାକୁ । ରମେଶ ଥିଲେ । ସୁକନ୍ୟାକୁ ଦେଖି କହିଲେ, ତୁମେ ଏମିତି ମୋ ପାଖକୁ ଆସିବାଟା ଠିକ ହେଲା ନି । ତୁମ ବାପା ମା କଣ ଭାବିବେ ? ତୁମେ ଫେରିଯାଅ ।

ସୁକନ୍ୟା କହିଲା, "ଗୋଟିଏ ଅନୁରୋଧ କରିବି ରଖିବ ?"

ରମେଶ ମୁଣ୍ଡ ତଳକୁ କରି ହୁଁ କହିଲା ।

ସୁକନ୍ୟା କହିଲା, ମୋତେ ଏଠାରୁ ନେଇ ଚାଲିଯାଅ । ମୁଁ ତୁମକୁ ମୋ ସ୍ୱାମୀ ଭାବରେ ଦେଖି ଆସିଛି, ଆଜି ଆଉ କାହାକୁ ସେ ସ୍ଥାନରେ ବସିବାକୁ ଦେବାକୁ

ଚାହୁଁନାହିଁ । ମୋ ମଥାରେ କେବଳ ତୁମ ନାମର ସିନ୍ଦୁର ଲାଗୁ ଏହା ମୋର ଇଚ୍ଛା । ରମେଶ ସାମାନ୍ୟ ହସିଦେଇ ନୀରବ ରହିଗଲେ ।

ସୁକନ୍ୟା ଆଖିରୁ ଲୁହ ଧାର ବହିଯାଉଥିଲା । ରମେଶ ଉଠି ଚାଲିଗଲେ ।

- - - - - - - - - -

ବିବାହ କରିବାର କେତେ ବର୍ଷ ବିତିଗଲାଣି । ସୁକନ୍ୟା ଜୀବନରେ ଯାହା ଆଶା ଆକାଂକ୍ଷାଥିଲା ସବୁକୁ ଜଳାଞ୍ଜଳୀ ଦେଇ ସେ ସଂପୂର୍ଣ୍ଣ ଗୃହିଣୀ ହୋଇଯାଇଛି । ପିଲା ଦୁଇଟା ସ୍କୁଲ ଗଲେଣି । ସ୍ୱାମୀ ସବୁବେଳେ ଅଫିସରେ ବ୍ୟସ୍ତ । ଅତୀତକୁ ସଂପୂର୍ଣ୍ଣ ରୂପେ ଭୁଲି ଯାଇଥିଲା ସୁକନ୍ୟା ।

ସେଦିନ ମାର୍କେଟରେ ପରିବା କିଣିବା ସମୟରେ ହଠାତ୍ ରମେଶଙ୍କ ସାମନାସାମନି ହୋଇଗଲା । ଦୀର୍ଘବର୍ଷପରେ ଦେଖୁଥିଲେ ମଧ୍ୟ ରମେଶ ଯେମିତି ଥିଲେ ବିଲକୁଲ ସେମିତି ଅଛନ୍ତି । ସୁକନ୍ୟାକୁ ଦେଖି ଆଖି ଜକେଇ ଆସୁଥିଲା ବୋଲି ମୁହଁ ପୋଛିବା ବାହାନାରେ ଲୁହକୁ ପୋଛି ଦେଇଥିଲେ ସେ । ଆଉ କିଛି ନ କହି ଚାଲି ଯାଉଥିଲା ବେଳେ ସୁକନ୍ୟା ଅଟକାଇ ଥିଲା ।

କଫି ସପ୍‌ରେ ବସି କଫି ପିଇବା ନିବେଦନକୁ ମନା କରି ପାରିଲେନି ରମେଶ । ପୂର୍ବପରି ନିର୍ବିକାର ଓ ଚୁପ୍ ଥିଲେ ସେ ।

ସୁକନ୍ୟାର ଆଖି ଖୋଜୁଥିଲା, ରମେଶ ଭିତରେ ନିଜର ସେଇ ପୁରୁଣା ପ୍ରେମିକ ଯିଏ ତା ପାଇଁ ହାତ କାଟି ନାଁ ଲେଖି ପାରିଥିଲା । ରମେଶ ହାତରେ ସେ ନାଁ ଆହୁରି ଅଛି । ସୁକନ୍ୟା କହିଲା, "ହାତରୁ ମୋ ନାଁଟା ତ ଲିଭେଇ ପାରିଥାନ୍ତ ? ତୁମ ସ୍ତ୍ରୀ କଣ ଭାବୁଥିବେ କହିଲ ?"

ରମେଶ ମୁଣ୍ଡପୋତି କଫି ପିଉ ପିଉ କହିଲେ, "ସେଇଥିପାଇଁ ବିବାହ କଲିନି ।"

ସୁକନ୍ୟା ଚୁପ ହେଇଗଲା । "ବାହା ହେଲନି ? କାହିଁକି ? ତା ହେଲେ ସେଦିନ

ମୁଁ ତୁମ ପାଖକୁ ଆସିଥିଲି, ଚାହିଁଥିଲେ ତୁମେ ମୋତେ ନିଜର କରି ପାରିଥାନ୍ତ, କଲନି କାହିଁକି ? ମୁଁ ସବୁ ଛାଡିଦେଇ ତୁମ ସହିତ ପଳାଇବାକୁ ରାଜିଥିଲି, ତୁମେ ମୋତେ ନେଲନି କାହିଁକି ? କୁହ କାହିଁକି ଏମିତି କଲ ?”

ରମେଶ କହିଲେ, “ମୁଁ ଭଲ ପାଇଥିଲି । ତୁମେ ଯଦି ସତରେ ମୋତେ ଭଲ ପାଇଥିଲ ତେବେ ମୋ ସହ ଲୁଚି କେଉଁ ଆଡେ ପଳାଇଯିବା କଥା ନ ଭାବି ନିଜ ଘରେ ନିଜ ବାପା ମାଙ୍କୁ ବୁଝାଇବାକୁ ଚେଷ୍ଟା କରି ପାରିଥାନ୍ତ ।

ଭଲପାଇ ବିବାହ କରି ମଧ୍ୟ ତୁମ ବାପାମାଙ୍କ ପାଖରେ ସାରା ଜୀବନ ଅପରାଧୀ ହୋଇ ରହିଥାନ୍ତି । ସେଇଟା ମୁଁ ଚାହୁଁନଥିଲି । ଯେଉଁଦିନ ତୁମ ଘରେ ବିବାହ ପ୍ରସ୍ତାବ ପଡିଥିଲା, ମୁଁ ଭାବିଥିଲି ତୁମେ ନିଶ୍ଚୟ ଆମ ବିଷୟରେ ଘରେ କହିଥିବ ବୋଲି, କିନ୍ତୁ ତୁମେ ପାରିଲ ନାହିଁ ।

ନିଜ ବାପା ମାଙ୍କୁ ସାମନା କରିବା ସାହାସ ଜୁଟାଇ ପାରିଲନି, ସମାଜକୁ କଣ ଜବାବ ଦେଇଥାନ୍ତ । ଯେତେବେଳେ ଦ୍ୱିତୀୟ ଥର ପାଇଁ ତୁମେ ମୋ ପାଖକୁ ଆସିଥିଲ, ସେତେବେଳେ ମୁଁ ତୁମକୁ ବିବାହ କରିବା ପ୍ରସ୍ତାବ ନେଇ ତୁମ ଘରକୁ ଯାଇଥିଲି । କିନ୍ତୁ ତୁମ ବାପା କହିଥିଲେ ଯେ ତୁମ ବିବାହ ତୁମ ସହମତିରେ ଠିକ ହୋଇ ଯାଇଛି । ଏହାପରେ ମୁଁ କେମିତି ତୁମକୁ ନେଇ ପଳାଇ ଯାଇଥାନ୍ତି ?

ନିଜ ଆଖିରେ ନିଜେ ସାରା ଜୀବନ ଦୋଷୀ ହେବା ଅପେକ୍ଷା ତୁମକୁ ଛାଡି ରହିବାକୁ ଠିକ ବୋଲି ଭାବିଲି, ତେଣୁ ସେଦିନ ମୁଁ ଉଠି ଚାଲି ଯାଇଥିଲି ।

ସୁକନ୍ୟା ନିର୍ବାକ ସବୁ ଶୁଣୁଥିଲା । ରମେଶ କଫି ପିଇସାରି ଟିପ୍ସଟା ଟେବୁଲ ଉପରେ ଥୋଇଦେଇ ଚାଲି ଯାଉଥିଲେ । ସୁକନ୍ୟାର ମନ ଭାରୀ ହୋଇ ଯାଇଥିଲା । ସେ ଜାଣି ପାରୁନଥିଲା, ବାପା ବୋଉଙ୍କ କଥା ମାନିବାଟା ତାର ଭୁଲ ଥିଲା, ନା ସମାଜକୁ ଡରି ଚୁପ ରହିବା ?

ପ୍ରଥମ ସଂସ୍କରଣ
ଚତୁର୍ଥ ବର୍ଷ
ରଜ ବିଶେଷାଙ୍କ,
୨୦୧୦

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଆହ୍ୱାନ

ଓଡିଶାର୍ ପ୍ରଥମ ସଂପୂର୍ଣ୍ଣ ଓଡିଆ ସାହିତ୍ୟିକ ଇ-ପତ୍ରିକା

ସଂଧ୍ୟା ଅନେକ ହୋଇଯାଇଥିଲା । ସୁକନ୍ୟାକୁ ଲାଗୁଥିଲା ତା ପାଦ ସବୁ ଶୂନ ହୋଇ ଯାଇଛନ୍ତି । ସେ ଉଠିବାକୁ ଚେଷ୍ଟା କରୁଥିଲା, ହେଲେ ପାରୁନଥିଲା । ଦିଗବଳୟ ସେ ପାରିରେ ବୁଡୁଥିବା ସୂର୍ଯ୍ୟପରି ରମେଶ ପୁଣିଥରେ ଦୂରକୁ ଦୂରକୁ ଚାଲି ଯାଉଥିଲେ, ଆଉ ଏଥର ସୁକନ୍ୟା ପାଖରେ ତାଙ୍କୁ ଅଟକାଇବାର ସାହାସ ନଥିଲା ।

ODIAGURU.COM
**Web Development Firm**

Comprehensive Website development packages including Domain, Hosting, Planning, Designing, and Maintenance of your website at the most affordable prices.

We are the best web developpers in Odisha providing quality web development services at the most afforadable price ever.

We expertise in Dynamic website development and CMS based website too.

We also design websites in non-English languages.



**Visit us online at : www.aahwaan.com or Mail us at : aahwaan@gmail.com / info@aahwaan.com**

ନ୍ୟାସା ନବୋଦିତା ଉପସ୍ଥାପନ କରୁଛନ୍ତି

ଆହ୍ୱାନ

ଓଡିଶାର୍ ପ୍ରଥମ ସଂପୂର୍ଣ୍ଣ ଓଡିଆ ସାହିତ୍ୟିକ ଇ-ପତ୍ରିକା

ପ୍ରଥମ ସଂସ୍କରଣ
ଚତୁର୍ଥ ବର୍ଷ
ରଜ ବିଶେଷାଙ୍କ,
୨୦୧୦

# ବିଶେଷ ସୂଚନା

ଯଦି ଆପଣ ଆମର ଏହି ପତ୍ରିକାରେ ନିଜସ୍ୱ ଲେଖା ପ୍ରକାଶିତ କରିବାକୁ ଚାହାନ୍ତି, ତେବେ ନିଜସ୍ୱ କୃତୀକୁ ଆପଣ ଆମ ଠିକଣାରେ ପଠାଇ ପାରିବେ । ହାତଲେଖା କୃତୀ ସବୁ ଧଳାକାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖା ହୋଇଥିବା ଆବଶ୍ୟକ । ଆପଣଙ୍କ ଲେଖା ଆମ ଠିକଣାରେ ପଠାନ୍ତୁ - ଡା ଜ୍ୟୋତି ପ୍ରସାଦ ପଟନାୟକ, ବୀମା ନଗର, ଆମ୍ବପୁଆ ମୁଖ୍ୟ ରାସ୍ତା, ବ୍ରହ୍ମପୁର, ୭୬୦୦୧୦, ଓଡିଶା, ଫୋନ - ୯୮୬୧୯୬୨୧୬୦, ୯୦୪୦୯୮୫୪୬୩, ୦୬୮୦-୨୪୦୪୧୭୦ । ପ୍ରତ୍ୟେକ ମାସର ତୃତୀୟ ସପ୍ତାହ ସୁଦ୍ଧା ପହଂଚିଥିବା ସମସ୍ତ ଲେଖା ଆସନ୍ତା ମାସର ଆହ୍ୱାନରେ ପ୍ରକାଶିତ ହେବ । ଲେଖା ପଠାଇବା ପୂର୍ବରୁ ଏକାର ଏକକିତା ନକଲ (ଜେରକ୍ସ କପି) ନିଜ ପାଖରେ ରଖନ୍ତୁ । ଅଣପ୍ରକାଶିତ ଲେଖା ଫେରାଇବାର ବ୍ୟବସ୍ଥା ଆମ ପାଖରେ ନାହିଁ ।

ଯଦି ଆପଣ ଚାହୁଁଥାନ୍ତି ତେବେ ନିଜ ଲେଖା କୃତୀକୁ ସ୍କାନ୍ କରାଇ ଇ-ମେଲ୍ ଦ୍ୱାରା ଆପଣ ଆମ ନିକଟକୁ ପଠାଇ ପାରିବେ । ସ୍କାନ୍ କରିବାପରେ ଫୋଟର ଆକାର ସାନ କରିବା ପାଇଁ ସ୍କାନ୍ ହୋଇଥିବା ଫୋଟକୁ ପେଂଟବ୍ରସ୍ ରେ ଖୋଲି ସେଭ୍ ଏଜ୍ କରନ୍ତୁ । ସ୍କାନ୍ ହୋଇଥିବା ଫୋଟକୁ ଆଟାଚମେଂଟ କରି ଆମନିକଟକୁ (aahwaan@gmail.com) ପଠାନ୍ତୁ ।

ଆପଣଙ୍କ ଲିଖିତ କୃତୀ ଯୋଗ୍ୟ ବିବେଚିତ ହେଲେ ପ୍ରକାଶିତ ହେବ ।

# ବିଜ୍ଞାପନ ମୂଲ୍ୟସୂଚୀ

ଏହି ପତ୍ରିକାରେ ବିଜ୍ଞାପନ ଦେବାପାଇଁ ଆମ ସହିତ ଯୋଗାଯୋଗ କରନ୍ତୁ

୧. ପୁରା ପୃଷ୍ଠା - ୧୦୦୦୦ ଟଙ୍କା

୨. ଅଧା ପୃଷ୍ଠା - ୫୦୦୦ ଟଙ୍କା

୩. ଚଉଥ ପୃଷ୍ଠା - ୨୫୦୦ ଟଙ୍କା

୪. ଉପର ବ୍ୟାନର୍ - ୨୦୦୦ ଟଙ୍କା

୫. ତଳ ବ୍ୟାନର୍ - ୧୫୦୦ ଟଙ୍କା

ବିଜ୍ଞାପନଦାତା ମାନେ ନିଜସ୍ୱ ବିଜ୍ଞାପନ ନିଜେ କରି ଦେଇ ପାରିବେ କିମ୍ବା ଆମର ଡିଜାଇନ୍ ବିଭାଗ ସହ ଯୋଗାଯୋଗ କରିପାରିବେ । ବିଜ୍ଞାପନ ପାଇଁ ଦେୟ ବିଜ୍ଞାପନ ପ୍ରକାଶହେବା ପୂର୍ବରୁ ଦେବାକୁ ହେବ । ବିଜ୍ଞାପନ ଦେବାପାଇଁ ଯୋଗାଯୋଗ କରନ୍ତୁ ।